୨୪ ମାର୍ଚ୍ଚ ୨୦୨୪ ରବିବାର

ସମୟ



# ରାଜଗୁମର





**ବ୍ରିଟେନ୍ ରାଜପରିବାର ବିଶ୍ୱର ଏକ ଚର୍ଚ୍ଚିତ ରାଜ ପରିବାର । ରାଜମହଲରେ ଯାହା କିଛି ଘଟିଲେ ଏଥିରେ ସମଗ୍ର ବିଶ୍ୱବାସୀ ପରୋକ୍ଷରେ ଭାଗ ନେବା ସହିତ ଉତ୍କଣ୍ଠା ସହିତ ସମସ୍ତ ତଥ୍ୟ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି । ବର୍ତ୍ତମାନ ନିଜ ଯୁବରାଜଙ୍କର ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଛି ରାଜ ପରିବାର ।**

ଅନେକଙ୍କ ପାଇଁ ଉଦାହରଣ ସାଜିଥିବା ପ୍ରେମ କାହାଣୀରେ ଫାଟକୁ ନେଇ ବର୍ତ୍ତମାନ ସବୁସ୍ଥାନରେ ଚର୍ଚ୍ଚା । ପ୍ରିନ୍ସ ୱିଲିୟମ୍ସ ଓ ପ୍ରିନ୍ସେସ୍ଅଫ୍ ୱେଲ୍ସ କେଟ୍ ମିଡିଲଟନ୍ଙ୍କ ପ୍ରେମ କାହାଣୀ ସବୁବେଳେ ଚର୍ଚ୍ଚା ସାଉଁଟିଥାଏ । ପ୍ରଥମେ ବନ୍ଧୁତା ଓ ପରେ ପ୍ରେମର ରୂପ ନେଇଥିବା ଏହି କାହାଣୀ ଅନେକଙ୍କ ପାଇଁ ପ୍ରେରଣା ସାଜିଥାଏ । ହେଲେ ବର୍ତ୍ତମାନ ଏଥିରେ ଦେଖାଦେଇଛି ଫାଟ । ବିଭିନ୍ନ ଅନ୍ତର୍ଜାତୀୟ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ଉଭୟଙ୍କ ଭିତରେ ଆସିଛନ୍ତି ତୃତୀୟ ଜଣେ । କେଟ୍ଙ୍କର ବନ୍ଧୁ ରୋଜ୍ ହେନ୍‌ବରୀଙ୍କ ସହିତ ରହିଛି ୱିଲିୟମ୍ସଙ୍କର ପ୍ରେମ ସମ୍ପର୍କ । ଯାହାକୁ ନେଇ ପୁରା ଇଣ୍ଟରନେଟ୍‌ରେ ବିଭିନ୍ନ ତଥ୍ୟ ଘୁରି ବୁଲୁଛି । ତେବେ ଏହି ଚର୍ଚ୍ଚାର ଆରମ୍ଭ ହୋଇଥିଲା ମଦର୍ସ ଡେ'ରୁ । ବିଗତ କିଛି ମାସ ହେବ କେଟ୍ଙ୍କୁ ରାଜପରିବାରର କୌଣସି ଫଙ୍କସନ୍‌ରେ ଦେଖିବାକୁ ମିଳୁନାହିଁ । ଏହାପରେ ମଦର୍ସ ଡେ'ରେ ରାଜପରିବାରର ଅଫିସିଆଲ ସାଇଟ୍‌ରୁ ଏକ ଫଟୋ ପୋଷ୍ଟ କରାଯାଇଥିଲା ଯାହା ଏଡିଟ୍ ହୋଇଥିବା ନେଇ ପରେ ଜଣା ପଡିଥିଲା । ଏହା ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା । ଧୀରେଧୀରେ ଲୋକ କେଟ୍ଙ୍କର ଅନୁପସ୍ଥିତିକୁ



ଏକ ରୂପ ଦେବାକୁ ଚେଷ୍ଟା କରିଥିଲେ । ଏହି ଚର୍ଚ୍ଚାରେ ଘିଅ ଢାଳିଥିଲେ ପ୍ରସିଦ୍ଧ କମେଡିଆନ୍ ଷ୍ଟିଫେନ୍ କଲବର୍ଟ । ସେ ତାଙ୍କର ଏକ ଲେଟ୍ ନାଇଟ୍ ଶୋ 'ଦି ଲେଟ୍ ଶୋ'ରେ ଏନେଇ ଆଲୋଚନା କରିଥିଲେ । ଯେଉଁଥିରେ କେଟ୍‌ଙ୍କର ଏତେ ଦିନ ଧରି ରାଜପରିବାର ଠାରୁ ଦୂରେଇବାର କାରଣ ୱିଲିୟମ୍ସଙ୍କର ପରକୀୟାପ୍ରୀତି ବୋଲି ସେ ଲୋକଙ୍କୁ କହିଥିଲେ । ଏହାପରେ ଏହି ଚର୍ଚ୍ଚା ଖୁବ ଜୋରରେ ଲୋକଙ୍କ ଭିତରେ ଆରମ୍ଭ ହୋଇଥିଲା । ତେବେ ଯେଉଁ ମହିଳାଙ୍କ ସହିତ ୱିଲିୟମ୍ସଙ୍କର ନାଁ ଯୋଡା ଯାଉଛି ସେ କେହି ବାହାର ନୁହେଁ ବରଂ କେଟ୍‌ଙ୍କର ବାନ୍ଧବୀ ରୋଜ ହେନ୍‌ବରୀ । ଏହି ଚର୍ଚ୍ଚା ଆଜିର ନୁହେଁ ଏହା ୨୦୧୯ର ବୋଲି ଏହି ଶୋ'ରେ ଷ୍ଟିଫେନ୍ ମତ ଦେଇଛନ୍ତି । ଯାହା ଏହି ଚର୍ଚ୍ଚାକୁ ଆହୁରି ଆଗକୁ ନେଇଛି । କେଟ୍‌ଙ୍କର ଏତେଦିନ ଧରି ଗାୟବ ହେବା ପଛର ରାଜ ହେଉଛି ୱିଲିୟମ୍ସଙ୍କ ପ୍ରେମ କାହାଣୀ ବୋଲି ଷ୍ଟିଫେନ୍ ମତ ଦେଇଥିଲେ । ହେଲେ ସୂଚନା ଅନୁସାରେ କେଟ୍ ନିଜର ପେଟରେ ଅସ୍ତ୍ରପୋଚାର ପାଇଁ କିଛି ଦିନ ହେବ ଚିକିତ୍ସାରେ ଅଛନ୍ତି । ସେଥିପାଇଁ ସେ ରାଜପରିବାରର ବିଭିନ୍ନ ଫଙ୍କସନ୍‌ରୁ ଦୂରେଇ ରହିଛନ୍ତି । ତେବେ ଏହି ଚର୍ଚ୍ଚାଭିତରେ ରୋଜ୍ ହେନ୍‌ବରୀ ନିଜର ଓକିଲଙ୍କ ମାଧ୍ୟମରେ ଏହି ଚର୍ଚ୍ଚାକୁ ଗୁଜବ ବୋଲି କହିଛନ୍ତି । ଏଥିରେ କୌଣସି ସତ୍ୟତା ନାହିଁ ବୋଲି ତାଙ୍କ ଓକିଲ ମତ ଦେଇଛନ୍ତି ।





## ପ୍ରିନ୍ସ ୱିଲିୟମ୍ସ ଓ କେଟ୍‌ଙ୍କ ପ୍ରେମ କାହାଣୀ

୨୦୧୧ ଏପ୍ରିଲ୍ ୨୯ରେ ବିବାହ ବନ୍ଧନରେ ବାନ୍ଧି ହୁଅନ୍ତି ପ୍ରିନ୍ସ ୱିଲିୟମ୍ସ ଓ କେଟ୍ ମିଡିଲ୍‌ଟନ୍ । ଏହି ଭବ୍ୟ ରାଜ ପରିବାର ବିବାହର ସାରା ବିଶ୍ୱ ସାକ୍ଷୀଥିଲା । ଏହି ରିଅଲ ଲାଇଫ୍ ଫେରି ଟେଲ୍ ବିବାହକୁ ସମସ୍ତେ ଉପଭୋଗ କରିଥିଲେ । ତେବେ ପ୍ରଥମେ ବନ୍ଧୁ ଓ ପରେ ଜୀବନସାଥୀ ଭାବେ ଜୀବନ ବିତାଇବାକୁ ନିଷ୍ପତ୍ତି ନେଇଥିଲେ ଉଭୟ । ବକିଂହମ୍ ପ୍ୟାଲେସ୍ ବାଲକୋନିରେ ଆୟୋଜିତ ହୋଇଥିବା ଏହି ବିବାହରେ ବ୍ରିଟିଶ୍ ରାଜ ପରିବାରର ସଦସ୍ୟଙ୍କ ସହିତ ବିଭିନ୍ନ ଦେଶର ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଇଥିଲେ । ତେବେ ଏହା ପୂର୍ବରୁ ସେମାନଙ୍କର ବେଶ୍ କିଛି ବର୍ଷର ପ୍ରେମ ସମ୍ପର୍କ ରହିଥିଲା, ଯାହା ଅନେକଙ୍କ ଡ୍ରିମ୍ ଲଭ୍‌ଷ୍ଟୋରୀ ଭାବେ ଗଣା ଯାଇଥାଏ । ଉଭୟଙ୍କ ୨୦୦୧ ମସିହାରେ ପ୍ରିନ୍ସ ୱିଲିୟମ୍ସ ଓ କେଟ୍‌ଙ୍କର ସାକ୍ଷାତ ହୁଏ । ଉଭୟ ସ୍କଟଲାଣ୍ଡରେ ଥିବା ସେଣ୍ଟ ଆଣ୍ଡ୍ରୁ୍ୟଜ୍ ବିଶ୍ୱବିଦ୍ୟାଳୟରେ ଭେଟ ହୁଅନ୍ତି । ଏଠାରେ ଆୟୋଜିତ ହୋଇଥିବା ଏକ ଫ୍ୟାଶନ ଶୋ'ରେ ମଡେଲ୍ ଭାବେ ଭାଗନେଇଥାଆନ୍ତି କେଟ୍, ଯେଉଁଠି ଉପସ୍ଥିତ ଥାଆନ୍ତି ଫ୍ରିନ୍ସ ୱିଲ୍‌ୟମ୍ସ । ଏହା ପରେ ଉଭୟଙ୍କର ବନ୍ଧୁତା ଆରମ୍ଭ ହୁଏ । ଉଭୟ ଗୋଟିଏ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବାରୁ ଏହି ବନ୍ଧୁତାରେ ଘନିଷ୍ଠତା ଆସିଥିଲା । ୨୦୦୪ରେ ଉଭୟଙ୍କର ଏକାଠି ଫଟୋ ଭାଇରାଲ ହୋଇଥିଲା । ଏହାପରେ ୨୦୦୫ରେ ଉଭୟ ବିଶ୍ୱବିଦ୍ୟାଳୟରୁ ଗ୍ରାଜୁଏସନ୍ ଡିଗ୍ରୀ ହାସଲ କରିଥିଲେ । ଏହି ଅକେଜନ୍‌ର ଫଟୋକୁ କିଛି ଦିନ ପରେ କେଟ୍ ନିଜେ ସେୟାର କରିଥିଲେ । ଏହାପରେ ଧୀରେ ଧୀରେ ଉଭୟଙ୍କୁ ବିଭିନ୍ନ ଅକେଜନ୍‌ରେ ଏକାଠି ଦେଖିବାକୁ ମିଳିଥିଲା । ୨୦୦୬ରେ ଉଭୟଙ୍କୁ କୁଇନ୍ କାମିଲାଙ୍କ ଝିଅ ବିବାହରେ ଦେଖିବାକୁ ମିଳିଥିଲା । ଏହା ଥିଲା ୱିଲିୟମ୍ସ ଓ କେଟ୍‌ଙ୍କର ବିଗ୍ ପବ୍ଲିକ୍ ଆପିଅରାନ୍ସ । ସେ ପ୍ରଥମଥର ପାଇଁ ଏକାଠି ଏତେ ଲୋକଙ୍କ ସାମନାକୁ ସେହି ବିବାହରେ ହିଁ ଆସିଥିଲେ । ତେବେ ୨୦୦୭ରେ ଏହି କପଲ୍‌ଙ୍କର ବ୍ରେକ୍ ଅପ୍ ହୋଇଥିବା ନେଇ କିଛି ସ୍ଥାନରେ ଚର୍ଚ୍ଚା ହୋଇଥାଏ । ସେହି ସମୟରେ ଉଭୟ କିଛି ସମୟର ବ୍ରେକ୍ ନେଇଥିଲେ, ଯେଉଁ ସମୟରେ କେଟ୍ ଆୟରଲାଣ୍ଡ୍‌କୁ ଛୁଟିରେ ଯାଇଥିବାନେଇ ଚର୍ଚ୍ଚା ହୋଇଥାଏ । ୨୦୧୦ରେ ଦେଇଥିବା ଏକ ସାକ୍ଷାତକାରରେ ୨୦୦୭ରେ ସେମାନେ ଅଲଗା ହୋଇଥିବା କିଛି ସମୟ ସେମାନଙ୍କ ସମ୍ପର୍କପାଇଁ ବେଶ୍ ଉପଯୋଗୀ ହୋଇଥିବା କେଟ୍ ପ୍ରକାଶ କରିଥିଲେ । ସେହି ବ୍ରେକ୍‌ରେ ମୁଁ ମୋ ନିଜ ବିଷୟରେ ଅନେକ କିଛି ଜାଣିବାକୁ ପାଇଥିଲି ଯାହା ମୋତେ ଜୀବନରେ ଅନେକ ସାହାଯ୍ୟ କରିଛି ବୋଲି କେଟ୍ ତାଙ୍କ ସାକ୍ଷାତକାରରେ ମନ୍ତବ୍ୟ ଦେଇଥିଲେ । ସେହି ୨୦୦୭ରେ ହିଁ ଜୁଲାଇ ମାସରେ କେଟ୍‌ଙ୍କୁ ପୁଣି ରାଜପରିବାରର ଫଙ୍କସନ୍‌ରେ ଦେଖିବାକୁ ମିଳିଥିଲା । ପ୍ରିନ୍ସେସ୍ ଡିଆନାଙ୍କ ଟ୍ରିବ୍ୟୁଟ୍ କନ୍ସର୍ଟରେ କେଟ୍‌ଙ୍କୁ ଦେଖିବାକୁ ମିଳିଥିଲା । ତେବେ ଏଠାରେ ତାଙ୍କୁ ପ୍ରିନ୍ସ ୱିଲିୟମ୍ସଙ୍କ ସହିତ ଦେଖିବାକୁ ମିଳିନଥିଲା, କିନ୍ତୁ ସେ ରାଜପରିବାରର ଫଙ୍କସନ୍‌ରେ ପୁଣି ଯୋଗ ଦେଇଥିବାରୁ ସେତେବେଳେ ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା । ପୁଣି ୱିଲିୟମ୍ସ ଓ କେଟ୍ ଏକାଠି ହୋଇଥିବା ନେଇ ସମସ୍ତେ ଆଲୋଚନା କରିଥିଲେ । ୨୦୦୮ରେ ପୁଣି ଲୋକମାନେ ଉଭୟଙ୍କୁ ଏକାଠି ଦେଖିବାକୁ ପାଇଥିଲେ । ୨୦୦୮ରେ




# ମଦର୍ସ ଡେ'ରେ ଫେକ୍ ଫଟୋ

୧୨ ମେ'ରେ ସାରା ବିଶ୍ୱ ପାଳିଥାଏ ବିଶ୍ୱ ମାତୃ ଦିବସ । ଏହି ଦିନ ରାଜ ପରିବାର ପକ୍ଷରୁ କେଟ୍ ମିଡିଲଟନ୍‌ଙ୍କର ତାଙ୍କ ସନ୍ତାନଙ୍କ ସହିତ ଏକ ଫଟୋ ଜାରି କରାଯାଇଥିଲା । ଏହି ଫଟୋରେ କେଟ୍‌ଙ୍କ ସହିତ ତାଙ୍କ ତିନି ସନ୍ତାନ ଥିଲେ । ତେବେ ଏହି ଫଟୋ ପୋଷ୍ଟ ହେବାର କିଛି ସମୟ ପରେ ଏହା ଏଡିଟେଡ୍ ବୋଲି ୟୁଜର୍ସମାନେ ମତ ଦେବା ଆରମ୍ଭ କରିଥିଲେ । ୟୁଜର୍ସମାନେ ଏଥିରେ କିଛି ସ୍ଥାନ ପଏଣ୍ଟ୍ କରିଥିଲେ ଯେଉଁଥିରେ ଫଟୋଟି ଏଡିଟ୍ କରାଯାଇଛି ବୋଲି ହିଣ୍ଟ୍ ରହିଥିଲା । ଏନେଇ ଚର୍ଚ୍ଚା ହେବା ପରେ ନିଜେ କେଟ୍ ଏନେଇ କ୍ଷମା ମାଗିଥିଲେ । ସେ ଏଡିଟିଂ ଏକ୍ସପେରିମେଣ୍ଟ କରିବାପାଇଁ ଏଭଳି ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ବୋଲି ସଫେଇ ଦେଇଥିଲେ । ଲୋକଙ୍କ ମନରେ ଫଟୋ କାରଣରୁ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ପାଇଁ ସେ କ୍ଷମା ମାଗିଥିଲେ । ହେଲେ ଅନେକ ଦିନର ଅନୁପସ୍ଥିତି ପରେ ଏଭଳି ଫେକ୍ ଫଟୋ ପୋଷ୍ଟ ଆଲୋଚନାର ବିଷୟ ପାଲଟିଥିଲା । ରାଜ ପରିବାରର ସମସ୍ତ ଖବର ଉପରେ ନଜର ରଖୁଥିବା ଲୋକମାନେ ଏହାକୁ ଭିନ୍ନ ଦିଗରେ ଆଲୋଚନା କରିବା ଆରମ୍ଭ କରିଥିଲେ । ଏହାକୁ ଧୀରେ ଧୀରେ ଲୋକମାନେ ପ୍ରିନ୍ସ ୱିଲିୟମ୍ସଙ୍କ ସହ ତାଙ୍କ ମତାନ୍ତର ସହିତ ଯୋଡିଥିଲେ । ବର୍ତ୍ତମାନ ସମଗ୍ର ବିଶ୍ୱରେ ଏହା ଏକ ଚର୍ଚ୍ଚିତ ବିଷୟ ପାଲଟିଛି ।



ଯେତେବେଳେ ଆର୍ଏଏଫ୍ ଟ୍ରେନିଂରୁ ଗ୍ରାଜୁଏଟ୍ ହୋଇଥିଲେ ସେହି ସମୟରେ କେଟ୍‌ଙ୍କୁ ତାଙ୍କ ସହିତ ଦେଖିବାକୁ ମିଳିଥିଲା । ଏହାପରେ ଉଭୟଙ୍କ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ ହୋଇଥିବା ନେଇ ଚର୍ଚ୍ଚା ହୋଇଥିଲା । ୨୦୧୦ରେ ଉଭୟ ଏହି ସମ୍ପର୍କରେ ମୋହର ଲଗାଇଥିଲେ । ଉଭୟ କେନିଆକୁ ବୁଲିବାକୁ ଯିବା ସମୟରେ ୱିଲିୟମ୍ସ କେଟ୍‌ଙ୍କୁ ପ୍ରପୋଜ କରିଥିଲେ, ସେ କେଟ୍‌ଙ୍କୁ ପ୍ରିନ୍ସେସ୍ ଡାଏନାଙ୍କର ସାଫାୟାର ଏନ୍‌ଗେଜ୍‌ମେଣ୍ଟ ରିଂ ଦେଇଥିଲେ । ସେହି ସମୟରେ ଉଭୟ ନିଜର କିଛି ଅତି ନିକଟ ସାଙ୍ଗଙ୍କ ସହିତ ସମୟ ବିତାଉଥିଲେ । ଏତେଦିନର ଲମ୍ବା ପ୍ରେମ କାହାଣୀ ପରେ ଉଭୟ ୨୦୧୧ ଏପ୍ରିଲ ୨୯ରେ ବିବାହ ବନ୍ଧନରେ ବାନ୍ଧିହୋଇଥିଲେ । ୱେଷ୍ଟମିନଷ୍ଟର ଆବେରେ ବିଶ୍ୱର ପାଖାପାଖି ୭୨ ମିଲିଅନ ଲୋକ ଏହି ବିବାହର ସାକ୍ଷୀ ହୋଇଥିଲେ । ଏହି ବିବାହ କେବଳ ଯେ ଭବ୍ୟ ଥିଲା ତାହାନୁହେଁ, ଏଥିରେ ଅନେକ ସ୍ୱତନ୍ତ୍ରତା ମଧ୍ୟ ରହିଥିଲା । ଏହି ବିବାହରେ କେଟ୍ ତାଙ୍କ ନିଜର ମେକଅପ୍ ନିଜେ କରିଥିଲେ, ସେହିଭଳି ପ୍ରିନ୍ସ ୱିଲିୟମ୍ସ ଝାଳ ନବାହାରିବା ପାଇଁ ରିସେପ୍‌ସନ୍‌ରେ ସ୍ୱେଟ୍‌ପ୍ୟାଡ୍ ପିନ୍ଧିଥିଲେ । ଯାହା ପରେ ଅନେକଙ୍କୁ ଅଜବ ଲାଗିଥିଲା । ଏହାପରେ ୨୦୧୩ରେ ପ୍ରଥମ ସନ୍ତାନ ପ୍ରିନ୍ସ ଜର୍ଜ, ୨୦୧୫ରେ ଦ୍ୱିତୀୟ ସନ୍ତାନ ପ୍ରିନ୍ସେସ୍ ଚାର୍ଲୋଟ୍ ଏବଂ ୨୦୧୮ରେ ପ୍ରିନ୍ସ ଲୁଇସ୍‌ଙ୍କୁ ଜନ୍ମ ଦେଇଥିଲେ । ଏତେ ଦିନ ଧରି ବେଶ୍ ହସଖୁସିରେ ଚାଲୁଥିବା ସଂସାରରେ ଫାଠଥିବା କଥା ଜଣା ପଡିବା ପରେ ବର୍ତ୍ତମାନ ସମସ୍ତେ ଦ୍ୱନ୍ଦ୍ୱରେ ପଡିଛନ୍ତି । ଯଦି ଚର୍ଚ୍ଚିତ ଘଟଣାରେ ସତ୍ୟତା ଥାଏ ତେବେ ଏହା ରାଜ ପରିବାର ପାଇଁ ବେଶ୍ ଦୁଃଖଦ ଘଟଣା ହେବ ।



# ରୋଜ୍ ହେନ୍‌ବରୀ

ପ୍ରିନ୍ସ ୱିଲିୟମ୍ସ ଓ କେଟ୍ ମିଡିଲ୍‌ଟନ୍ ପ୍ରେମ ସମ୍ପର୍କ ରୋଜ୍ ହେନ୍‌ବରୀଙ୍କ ପାଇଁ ହି ବର୍ତ୍ତମାନ ଚର୍ଚ୍ଚାରେ ରହିଛି । ତେବେ ଏହି ଚର୍ଚ୍ଚିତ ରୋଜ ହେନବରୀ କେହି ବାହାରର ବ୍ୟକ୍ତି ନୁହନ୍ତି ବରଂ ସେ ହେଉଛନ୍ତି କେଟ୍ ମିଡିଲ୍‌ଟନ୍‌ଙ୍କର ଖାସ ବାନ୍ଧବୀ । ସେ ପେଷାରେ ଜଣେ ପରିଚିତ ମଡେଲ । ୧୯୮୪ରେ ଜନ୍ମ ହୋଇଥିବା ରୋଜ୍ ହେଉଛନ୍ତି ଜଣେ ବ୍ରିଟିଶ ପିର୍‌ସ । ସେ ସେଭେଣ୍ଟ ମାର୍‌କ୍ୟୁସ୍ ଅଫ୍ କୋଲମୋଣ୍ଡଲେ ଡାଭିଡ୍ କୋଲମୋଣ୍ଡେଲେଙ୍କୁ ବିବାହ କରିଛନ୍ତି । ତାଙ୍କ ବାପା ଜଣେ ୱେବ୍‌ସାଇଟ୍ ଡିଜାଇନର ହୋଇଥିବାବେଳେ ମାଆ ଜଣେ ଫ୍ୟାଶନ ଡିଜାଇନର । ସେ ବ୍ରିଟେନ୍ ଆରିଷ୍ଟୋକାର୍ଟିକ୍ ସର୍କଲର ଜଣେ ପ୍ରୋମିନେଣ୍ଟ୍ ମେମ୍ବର ହୋଇଥିବାବେଳେ ୱିଲିୟମ୍ସ ଓ କେଟ୍‌ଙ୍କର ବେଶ୍ ବିଶ୍ୱସ୍ତ । ତାଙ୍କର ଜେଜେମା' ସ୍ୱର୍ଗତ କୁଇନ୍ ଏଲିଜାବେଥ୍ ଦ୍ୱିତୀୟଙ୍କର ବ୍ରାଇଡ୍‌ସମେଡ୍ ଭାବେ ୧୯୪୭ରେ



ତାଙ୍କ ବିବାହରେ ଯୋଗ ଦେଇଥିଲେ । ରୋଜ ନିଜର ସ୍କୁଲ ପାଠ ଷ୍ଟୁଆର୍ଟ ସ୍କୁଲ୍‌ରୁ ସାରିଥିବାବେଳେ ଓପନ୍ ୟୁନିଭର୍ସିଟିରୁ ଡିଗ୍ରୀ ପାଠ ପଢା ସାରିଛନ୍ତି । ୨୩ ବର୍ଷ ବୟସରୁ ସେ ମଡେଲିଂରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ତେବେ ଏଠାରେ ସେ ତାଙ୍କ ସ୍ୱାମୀ ତଥା ଡାଭିଡ୍‌ଙ୍କୁ ଭେଟ ହୋଇଥିଲେ । ତେବେ ଉଭୟଙ୍କ ଭିତରେ ଖୁବ ଅଧିକ ବୟସ ବ୍ୟବଧାନ ରହିଛି । ଡାଭିଡ୍ ରୋଜଙ୍କଠାରୁ ୨୩ ବର୍ଷ ବଡହେଲେ ମଧ୍ୟ ୨୦୦୯ରେ ଉଭୟ ବିବାହ ବନ୍ଧନରେ ବାନ୍ଧିହୋଇଥିଲେ । ଉଭୟଙ୍କ ସନ୍ତାନ ମଧ୍ୟ ରହିଛନ୍ତି । ତେବେ କେଟ୍‌ଙ୍କ ବିବାହରେ ମଧ୍ୟ ରୋଜ ଯୋଗଦେଇଥିଲେ, ହେଲେ ବର୍ତ୍ତମାନର ଚର୍ଚ୍ଚା ତିନିଜଣଙ୍କ ସମ୍ପର୍କକୁ ଏକ ସନ୍ଦେହର ଘେର ଭିତରକୁ ଆଣିଦେଇଛି ।





# ବାପାଙ୍କର ପ୍ରଭାବ ନେଇ ଚର୍ଚ୍ଚା

ପ୍ରିନ୍ସ ୱିଲିୟମ୍ସଙ୍କ ପରକୀୟାପ୍ରୀତି ବିଷୟରେ ଖବର ଆସିବା ପରେ ସେ ତାଙ୍କ ବାପାଙ୍କୁ ଅନୁସରଣ କରୁଥିବା ନେଇ ଚର୍ଚ୍ଚା ହେଉଛି । ପୂର୍ବରୁ ତାଙ୍କ ବାପା କିଙ୍ଗ ଚାର୍ଲ୍ସ ଦ୍ୱିତୀୟ ତାଙ୍କର ବର୍ତ୍ତମାନର ପତ୍ନୀ କୁଇନ୍ କାମିଲାଙ୍କ ସହ ପ୍ରେମ ସମ୍ପର୍କ ଯୋଡିଥିଲେ । ହେଲେ ଏହି ବିବାହ ସମ୍ଭବ ନଥିବାରୁ ସେ ପ୍ରିନ୍ସେସ୍ ଡାଏନାଙ୍କୁ ବିବାହ କରିଥିଲେ । ହେଲେ ପୂର୍ବ ପ୍ରେମିକାଙ୍କୁ ଭୁଲି ପାରି ନଥିଲେ କିଙ୍ଗ ଚାର୍ଲସ ଦ୍ୱିତୀୟ । ଏହାପରେ ଉଭୟ କୁଇନ୍ କାମିଲା ଏବଂ କିଙ୍ଗ ଚାର୍ଲ୍ସ ଦ୍ୱିତୀୟ ଉଭୟ ନିଜର ବିବାହ ବିଚ୍ଛେଦ କରିଥିଲେ । ଏହାପରେ ପ୍ରିନ୍ସେସ୍ ଡାଏନାଙ୍କର ୧୯୯୭ରେ ମୃତ୍ୟୁ କାମିଲାଙ୍କର ପବ୍ଲିକ୍ ଆପିଅରାନ୍ସରେ ବିଳମ୍ବ ଘଟାଏ । ତେବେ ଏହାପରେ ୨୦୦୫ରେ ଉଭୟ କିଙ୍ଗ ଚାର୍ଲ୍ସ ଓ କୁଇନ୍ କାମିଲା ବିବାହ ବନ୍ଧନରେ ବାନ୍ଧି ହୁଅନ୍ତି । ସମସ୍ତ ଚର୍ଚ୍ଚାର ପୂର୍ଣ୍ଣଚ୍ଛେଦ ପଡେ । ବର୍ତ୍ତମାନ ପ୍ରିନ୍ସ ୱିଲିୟମ୍ସଙ୍କର ପରକୀୟାପ୍ରୀତି ସମ୍ପର୍କରେ ଚର୍ଚ୍ଚା ହେବାରୁ ସେ ବାପାଙ୍କ ଜୀବନୀକୁ ଅନୁକରଣ କରିଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

## କ୍ୟାଥରିନ୍ ଏଲିଜାବେଥ୍ ମିଡିଲ୍‌ଟନ୍

ପ୍ରିନ୍ସେସ୍ ଅଫ୍ ୱେଲ୍ସ କ୍ୟାଥରିନ୍ ଏଲିଜାବେଥ୍ ମିଡିଲଟନ୍ ଲୋକଙ୍କ ଭିତରେ କେଟ୍ ମିଡିଲଟନ୍ ଭାବେ ବେଶ୍ ପରିଚିତ । ୧୯୮୨ରେ ଜନ୍ମିତ କେଟ୍‌ଙ୍କର ବାପା ମା' ଫ୍ଲାଇଟ୍ ଡିସ୍‌ପାଚର ଓ ଫ୍ଲାଇଟ୍ ଆଣ୍ଟେଣ୍ଡାଣ୍ଟ୍ ଭାବେ ବ୍ରିଟିଶ ଏୟାରୱେରେ କାର୍ଯ୍ୟରତ ଥିଲେ । କେଟ୍‌ଙ୍କର ପାଠ ପଢା ମାର୍ଲବ୍ରଗ୍ କଲେଜ୍ ଓ ବ୍ରିଟିଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ଲୋରେନ୍ସ ୟୁନିଭର୍ସିଟିରେ ହୋଇଥିଲା । ମଡେଲିଂରେ ରୁଚି ରଖିଥିବା କେଟ୍ ପ୍ରିନ୍ସ ୱିଲିୟମ୍ସଙ୍କ ସହିତ ସମ୍ପର୍କକୁ ନେଇ ସେ ସବୁବେଳେ ଲାଇମ୍ ଲାଇଟ୍‌ରେ ରହୁଥିଲେ । ଛୋଟ ପିଲାଙ୍କୁ ସାହାଯ୍ୟ କରିବା ପାଇଁ କେଟ୍‌ଙ୍କର ରହିଥିଲା ଅହେତୁକ ଦୁର୍ବଳତା । ସେ କିଛି ୟୁନିସେଫ୍ ସହିତ ମିଶି ଅନେକ ପ୍ରୋଜେକ୍ଟରେ କାମ ମଧ୍ୟ କରିଛନ୍ତି । ଅନେକ ସମୟରେ ୟୁନିସେଫ୍ ପାଇଁ ବିଭିନ୍ନ ଆର୍ଟ ଏଗଜିଭିସନ୍ କରି ପାଣ୍ଠି ଯୋଗାଡ ମଧ୍ୟ କରିଛନ୍ତି । ୟୁନିସେଫ୍ ବ୍ୟତିତ ଅନ୍ୟ କିଛି ଅନୁଷ୍ଠାନ ସହିତ ମଧ୍ୟ ସେ ଜଡିତ ଅଛନ୍ତି ।



# ଷ୍ଟାଇଲିସ୍ ହୋଲି

**ସବୁବେଳେ ହୋଲିକୁ ସମସ୍ତେ ଷ୍ଟାଇଲିସ୍ ୱେରେ ଖେଳିବାକୁ ଚାହାନ୍ତି । ତେବେ ଏଥିପାଇଁ କିଛି ଟା ଟ୍ରିକ୍ ରହିଛି ଯାହାକୁ ଫଲୋ କରି ଆମେ ଏକ ଷ୍ଟାଇଲିସ୍ ହୋଲି ଖେଳି ପାରିବା ।**










### ❍ କମ୍ଫର୍ଟ ଷ୍ଟାଇଲ୍

ସବୁବେଳେ ହୋଲି ଖେଳିବା ଆଗରୁ ସମସ୍ତେ ଷ୍ଟାଇଲ୍ ସହିତ କମ୍ଫର୍ଟ ଉପରେ ବେଶି ଧ୍ୟାନ ଦେଇଥାଆନ୍ତି । ତେବେ ଏହି ସମୟରେ ସବୁବେଳେ କଟନ ଫାବ୍ରିକ୍‌ର ପୋଷାକ ଚୟନ କରନ୍ତୁ । ସେହିଭଳି ଏହି ପୋଷାକ ସବୁବେଳେ ଧଳା କିମ୍ବା ଫିକା ରଙ୍ଗର ହେବା ଦରକାର । ଯାହାଫଳରେ ଏଥିରେ ଆପଣଙ୍କ ରଙ୍ଗ ଖୁବ ଭଲ ଦେଖାଯିବ । ସେହିଭଳି ଏଥିରେ ଆପଣ ନିଜର ପୁରୁଣା ପୋଷାକ ଯେଉଁଥିରେ ଆପଣ କମ୍ଫର୍ଟେବଲ ସେ ସବୁକୁ ସାମିଲ କରିପାରିବେ ।

### ❍ ଫ୍ୟୁଜନ୍


ଯେତେବେଳେ ଆପଣ ଦ୍ୱନ୍ଦ୍ୱରେ ରହୁଛନ୍ତି କି ଟ୍ରାଡିସନାଲ ପିନ୍ଧିବେ କି ୱେଷ୍ଟର୍ଣ୍ଣ ଡ୍ରେସ ପିନ୍ଧିବେ, ସେହି ସମୟରେ ଫ୍ୟୁଜନ ଫର୍ମାଟକୁ ଆପଣାନ୍ତୁ । ଏହା ଆପଣଙ୍କୁ ଏକ ୟୁନିକ୍ ଲୁକ୍ ଦେବ । ଏହି ଆଉଟ୍ ଫିଟ୍ ଆପଣଙ୍କୁ ହୋଲି ପାର୍ଟିରେ ଏକ ଡିଫରେଣ୍ଟ ଲୁକ ଦେବାରେ ସଫଳ ହେବ । ଏହି ସେଗ୍‌ମେଣ୍ଟ୍‌ରେ ଆପଣ ଧଳା ରଙ୍ଗର କୁର୍ତ୍ତା ସହିତ ଡେନିମ୍ ସ୍କର୍ଟ ପେୟାର କରିପାରିବେ । ସେହିଭଳି ଆହୁରି ଅନେକ ଇଣ୍ଡୋୱେଷ୍ଟର୍ଣ୍ଣ ଫ୍ୟୁଜନ୍ ପେୟାର ପ୍ରସ୍ତୁତ ହୋଇ ପାରିବ ।

### ❍ ୱାଟରପ୍ରୁଫ୍ ଆସେସରିଜ୍

ହୋଲିରେ ପାଣି ଓ ରଙ୍ଗ ବାଧ୍ୟତାମୂଳକ, ତେଣୁ ସବୁବେଳେ ଯାହା ବି ଆସେସରିଜ୍ କ୍ୟାରୀ କରୁଛନ୍ତି ୱାଟରପ୍ରୁଫ୍ କରନ୍ତୁ । ତେଣୁ ଯେଉଁ ବ୍ୟାଗରେ ନିଜର ଜିନିଷ ରଖୁଛନ୍ତି, ତାହା ୱାଟରପ୍ରୁଫ ଧରନ୍ତୁ । ସେହିଭଳି ହୋଲି ଖେଳିବା ସମୟରେ କେବଳ ପ୍ଲାଷ୍ଟିକ୍ ଘଣ୍ଟା ଓ ସନ୍ ଗ୍ଲାସକୁ ଆସେସରିଜ୍‌ରେ ସାମିଲ କରନ୍ତୁ ଓଦା ହେବାର ଡର ରହିବ ନାହିଁ ।

### ❍ ପ୍ରୋଟେକ୍ଟିଭ୍ ହେୟାର ଷ୍ଟାଇଲ୍


ହୋଲି ଖେଳିବା ସମୟରେ କେଶ ନଷ୍ଟ ହେବାର ସମ୍ଭାବନା ଅଧିକ ରହିଥାଏ । ରଙ୍ଗରେ ଥିବା କେମିକାଲ ଆମ କେଶକୁ ଶୁଷ୍କ ଓ ଡଲ୍ କରିଦେଇଥାଏ । ତେଣୁ ଆପଣ କିଛି ହେୟାର ଷ୍ଟାଇଲ୍ କରି ନିଅନ୍ତୁ, ଯାହା ଆପଣଙ୍କ କେଶକୁ ସୁରକ୍ଷା ଦେବା ସହିତ ଏକ ଷ୍ଟାଇଲିସ୍ ଲୁକ୍ ମଧ୍ୟ ଦେବ ।



ମୃଣାଳ
mrinalchatterjeeiimc@gmail.com

# କମନୀୟ କାରୁଣ୍ୟ

ମାର୍ଚ୍ଚ ୨୧ ଥିଲା କବିତା ଦିବସ । ଏ ଅବସରରେ ଗୋଟେ କବିତା ବହି କଥା କହେ । ମୋର ବନ୍ଧୁ ଢେଙ୍କାନାଳ ନିବାସୀ କବି ସୁରେଶ ପ୍ରସାଦ ମିଶ୍ରଙ୍କର ଚତୁର୍ଥ କବିତା ସଂକଳନଟି ଗତ ମାର୍ଚ୍ଚ ୧୭ ତାରିଖ ଦିନ ଉନ୍ମୋଚିତ ହୋଇଛି । ବହିର ନାଁ: କମନୀୟ କାରୁଣ୍ୟ । ବହିଟିରେ ୪୫ଟି ଭିନ୍ନ ସ୍ୱାଦର କବିତା ରହିଛି । ସୁରେଶ ପ୍ରସାଦ ମିଶ୍ରଙ୍କର ପ୍ରଥମ କବିତା ବହି ପ୍ରକାଶ ପାଇଥିଲା ୨୦୦୦ରେ । 'କମନୀୟ କାରୁଣ୍ୟ' ସଂକଳନର ପ୍ରତ୍ୟେକଟି କବିତାରେ ବର୍ତ୍ତମାନ ହଜିଯାଉଥିବା ମୂଲ୍ୟବୋଧକୁ ଖୋଜିବାର ଗୋଟେ ପ୍ରୟାସ ରହିଛି । ବହିଟି ପଢ଼ିଲେ ବାକିକଥା ଆପଣ ଜାଣି ପାରିବେ, ମୁଁ କେବଳ ଗୋଟିଏ କବିତା (କମନୀୟ କାରୁଣ୍ୟ)ର କେତେଗୁଡ଼ିଏ ଧାଡି ଏଠାରେ ଉଲ୍ଲେଖ କରୁଛି । ଆସିବାକୁ ଦିଅ, ଗାଳିକୁ, ଗୁଳିକୁ । ବୋହିବାକୁ ଦିଅ, ରକ୍ତକୁ, ରେତକୁ । ଫୁଟିବାକୁ ଦିଅ, ଫୁଲକୁ ପରମାଣୁକୁ । ଅନ୍ଧଗଳିର ସେହି ଆଲୋକିତ ଅନ୍ଧାରର ଝାପ୍ସା ଛାଇରେ ହସିବାକୁ ଦିଅ ପୁଣିଥରେ କମନୀୟ କାରୁଣ୍ୟକୁ ।




# ବଡା-ପାଓ

ବଡାପାଓ ଜିନିଷଟି କ'ଣ ତାହା ଆଉ ପାଠକମାନଙ୍କୁ ବୋଧହୁଏ ବୁଝେଇ କହିବାପାଇଁ ପଡ଼ିବନାହିଁ । ଓଡ଼ିଶାର ସବୁ ସହରରେ ରାସ୍ତାକଡ଼େ ବଡାପାଓ ମିଳିଲାଣି । ତେବେ ବଡାପାଓର ସବୁଠୁ ବେଶି ଆଦର ମହାରାଷ୍ଟ୍ରରେ । ମୁମ୍ବାଇ ଏବଂ ପୁଣେରେ ଏହାକୁ ସମସ୍ତେ ବଡ଼ ଆଦରରେ ଖାଆନ୍ତି । ଏବେ ବଡାପାଓକୁ ବିଶ୍ୱର ସବୁଠାରୁ ଭଲ ୫୦ ସାଣ୍ଡୱିଚ ଭିତରୁ ୧୯ତମ ସ୍ଥାନର ମାନ୍ୟତା ମିଳିଛି । ଟେଷ୍ଟ ଆଟଲାସ୍ ବୋଲି ଗୋଟେ ୱେବସାଇଟ ପ୍ରତିବର୍ଷ ଖାଦ୍ୟର ର୍ୟାଙ୍କିଙ୍ଗ୍ ପ୍ରକାଶ କରନ୍ତି ।



ଏବର୍ଷ ବଡାପାଓ ପହଞ୍ଚିଛି ୧୯ତମ ସ୍ଥାନରେ । ପ୍ରଥମ ସ୍ଥାନରେ ଅଛି ଭିୟେତନାମର ଗୋଟେ ଡିସ୍ । ପାଓ ଅର୍ଥାତ ପାଉଁରୋଟି । ଭାରତବର୍ଷକୁ ପାଉଁରୋଟି ଆଣିଥିଲେ ପର୍ତ୍ତୁଗୀଜମାନେ, ସେମାନେ ତାକୁ ପାଓ ବୋଲି କହୁଥିଲେ । ମୁମ୍ବାଇରେ ବଡାପାଓର ଇତିହାସ କିନ୍ତୁ ଖୁବ ବେଶୀ ପୁରୁଣା ନୁହଁ । ୧୯୬୦ ଦଶକରେ ଅଶୋକ ବୈଦ୍ୟ ନାମକ ଜଣେ ବ୍ୟକ୍ତି ମୁମ୍ବାଇରେ ଏକ ରେଳଷ୍ଟେସନ ପାଖରେ ଗୋଟେ ଠେଲାଦୋକାନ କଲେ । ସେତେବେଳେ ମୁମ୍ବାଇରେ ଖାଦ୍ୟାଭାବ ବି ଥିଲା । ଏମିତିରେ ମୁମ୍ବାଇରେ ଲୋକେ ପାଉଁରୋଟି ଭଲ ପାଆନ୍ତି । ବୈଦ୍ୟ ଦୁଇଟି ପାଉରୋଟି ଭିତରେ ଗୋଟେ ବରାକୁ ପୂରେଇ ଆଉ ତା ସହିତ ଆଉ କିଛି ଚଟଣୀ ଦେଇ ଗୋଟେ ଡିସ୍ ପ୍ରସ୍ତୁତ କଲେ, ତାକୁ କହିଲେ ବଡାପାଓ । ଏହାକୁ ଲୋକମାନେ ବହୁତ ପସନ୍ଦ କଲେ । କ୍ରମଶଃ ଏହା ମହାରାଷ୍ଟ୍ରର ପ୍ରମୁଖ ଖାଦ୍ୟ ତାଲିକା ଭିତରକୁ ଆସିଗଲା ।

# ଯୌବନ ବାର୍ଦ୍ଧକ୍ୟ

ଗତ ସପ୍ତାହରେ ବଜାରକୁ ଯାଇ ମୁଁ ବୁଝିଥିଲି ଯୌବନ ତୁଳନାରେ ବାର୍ଦ୍ଧକ୍ୟର ଦାମ୍ କମ୍ । ଏ ସପ୍ତାହରେ ପତ୍ନୀ ବଜାରକୁ ଗଲେ । ଫେରି ଆସି ପଚାରିଲେ, ଜାଣିଛ ଅଙ୍ଗୁର କିଲୋ କେତେ ? ମୁଁ କହିଲି, ନା । କେତେ ?
– ୧୦୦ ଟଙ୍କା । ଜାଣିଛ କିସମିସ୍ କିଲୋ କେତେ ?
ମୁଁ କହିଲି, ନା । କେତେ ? – ୪୦୦ ଟଙ୍କା । ଏଥିରୁ କ'ଣ ବୁଝିଲ ? ମୁଁ ଚୁପ୍ ରହିବାର ଦେଖି ସେ ନିଜେ ଉତ୍ତର ଦେଲେ, ଯୌବନଠୁ ବାର୍ଦ୍ଧକ୍ୟର ଭାଲ୍ୟୁ ଅଧିକ । ବାର୍ଦ୍ଧକ୍ୟରେ ଭାଲ୍ୟୁ ବଢ଼େ । ବୁଝି ପାରିଲ ? – ଇୟେସ୍ ମାଡାମ୍ ।

# ଦଳବଦଳ ଋତୁ

ଗତ ସପ୍ତାହରେ ବାହାଘର ଆଉ ପରୀକ୍ଷା ଋତୁ କଥା କହିଥିଲି । ତା' ସହିତ ଦଳବଦଳ ଋତୁ ବି ଢେର ଦିନୁ ଆରମ୍ଭ ହୋଇଯାଇଥିଲା । ନିର୍ବାଚନ ଘୋଷଣା ସହିତ ଏହା ଏବେ ଚରମ ପର୍ଯ୍ୟାୟରେ । ପ୍ରତିଦିନ ଗଣମାଧ୍ୟମରୁ ଜାଣୁଛି ଯେ 'କ' ଦଳର ଲୋକ 'ଖ' ଦଳରେ ପହଞ୍ଚିଲେଣି । 'ଖ' ଦଳର ଲୋକ 'ଗ' ଦଳରେ ପହଞ୍ଚିଲେଣି । 'ଗ' ଦଳର ଲୋକ ପୁଣି 'କ' ଦଳକୁ ଚାଲିଆସୁଛନ୍ତି । ଏମିତି ଦଳବଦଳ ପାଲା ବା ଲୀଳା ଲଗାତାର ଚାଲିଛି । ଦଳବଦଳରେ ଗୋଟେ ପାଟର୍ଣ୍ଣ ଲକ୍ଷ କରିପାରିବେ । ତାହା ହେଉଛି, ଜଣେ ଲୋକ ଧରନ୍ତୁ ଗୋଟେ ଦଳକୁ ଛାଡି ଅନ୍ୟ ଦଳରେ ପହଞ୍ଚିଲେ, ଛାଡ଼ିଯାଇଥିବା ଦଳର ନେତାମାନେ କହୁଛନ୍ତି ଯେ ଏହଫଳରେ ତାଙ୍କ ଦଳର କୌଣସି କ୍ଷତି ହେବନାହିଁ ବରଂ ଯେ ଯାଇଛନ୍ତି ଭଲ ହୋଇଛି । ଯେଉଁ ଦଳରେ ସେ ପହଞ୍ଚୁଛନ୍ତି ସେ ଦଳର ନେତାମାନେ କହୁଛନ୍ତି, ଆମ ଦଳର ଶକ୍ତି ବୃଦ୍ଧି ପାଇଲା । ସବୁ ଦଳର ସମାନ କଥା । ଦଳ ଛାଡ଼ି ଅନ୍ୟଦଳରେ ଯୋଗଦେଉଥିବା ଏମିତି ଲୋକମାନଙ୍କର ଦୁଇ ତିନୋଟି ଷ୍ଟାଣ୍ଡାର୍ଡ କଥା ଅଛି, ଯାହା ଗଣମାଧ୍ୟମରେ ବାହାରେ । ଏକ – ଯେଉଁ ଦଳକୁ ମୁଁ ଛାଡିଲି, ସେ ଦଳର ଆଦର୍ଶ ଆଉ ଠିକ୍ ନାହିଁ । ଯେଉଁ ଦଳକୁ ମୁଁ ଯାଉଛି ସେ ଦଳର ଆଦର୍ଶ ମୋତେ ଭଲ ଲାଗିଲା । ଦୁଇ – ଯେଉଁ ଦଳ ମୁଁ ଛାଡି ଯାଉଛି, ସେ ଦଳରେ ମୋତେ କଣଠେସା କରିଦିଆ ହୋଇଥିଲା, ମୋତେ କିଛି କାମଦାମ ଦିଆ ହେଉନଥିଲା । ଜନସାଧାରଣଙ୍କ ସେବାର ସୁଯୋଗ ମୁଁ ପାଉନଥିଲି । ଯେଉଁ ଦଳକୁ ମୁଁ ଯାଉଛି ସେ ଦଳ ମୋତେ ଏ ସୁଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଜନସାଧାରଣଙ୍କ ସେବା କରିବା ପାଇଁ ହିଁ ମୁଁ ଅମୁକ ଦଳ ଛାଡ଼ି ଏ ଦଳରେ ଯୋଗ ଦେଲି । ତୃତୀୟ କଥାଟି ସେ କହନ୍ତି ନାହିଁ । ଉହ୍ୟ ରହିଯାଏ । ତାହା ହେଲା ଏ ଦଳରେ ମୋତେ ଆଉ ଭାଉ ଦେଉନାହାନ୍ତି, ଟିକେଟ ପାଇବାର ସମ୍ଭାବନା ନାହିଁ । ଆର ଦଳକୁ ଗଲେ ହୁଏତ ମୋତେ ଟିକେଟ ପାଇବାର ସମ୍ଭାବନା ଅଛି ।

# ୨୫୦ ବର୍ଷରେ...

ଭାରତରେ ଦେଢ଼ଲକ୍ଷରୁ ଅଧିକ ଡାକଘର ରହିଛି । ସାରା ପୃଥିବୀରେ ଭାରତର ଡାକ ବ୍ୟବସ୍ଥା ବା ପୋଷ୍ଟାଲ ସିଷ୍ଟମ ସବୁଠାରୁ ବିସ୍ତାରିତ । ଭାରତରେ ଆଧୁନିକ ପୋଷ୍ଟାଲ ସିଷ୍ଟମକୁ ପ୍ରଚଳନ କରିଥିଲେ ଇଷ୍ଟ ଇଣ୍ଡିଆ କମ୍ପାନୀ । ଭାରତର କୋଲକାତାରୁ ୧୭୬୬ରେ ପ୍ରଥମେ ପୋଷ୍ଟାଲ ସର୍ଭିସର ଆରମ୍ଭ । ସେଠିକାର ଜେନେରାଲ ପୋଷ୍ଟ ଅଫିସ୍ ବା ଜିପିଓ ତା'ର ଆଧୁନିକ ଭବନକୁ ଗଲା ୧୭୭୪ ମସିହା ମାର୍ଚ୍ଚ୧୯ ତାରିଖରେ । ଏ ଭବନର ଅଢ଼େଇଶହ ବର୍ଷ ପୂରିଲା । ବର୍ତ୍ତମାନ ଜିପିଓର ଯେଉଁ ଆଧୁନିକ ଭବନଟି ରହିଛି ସେଟା ପୂର୍ବରୁ ଫୋର୍ଟ ଉଇଲିଅମର ଜାଗା ଥିଲା ଆଉ ତା'ର ଠିକ୍ ପାଖରେ ଗୋଟେ ଘର ଅଛି ଯେଉଁଠି ୧୭୫୬ରେ ବେଶ୍ କିଛି ଲୋକଙ୍କୁ ଗୋଟେ ନିବୁଜ କୋଠରୀ ଭିତରେ ବନ୍ଦୀ କରି ରଖାଯାଇଥିଲା ସମସ୍ତେ ପ୍ରାଣ ହରେଇଥିଲେ । ଏହାକୁ ବ୍ଲାକ ହୋଲ ଅଫ କାଲକାଟା ବୋଲି କୁହାଯାଏ । ଜିପିଓକୁ ଡିଜାଇନ କରିଥିଲେ ୱାଲଟର ବି ବୋଲି ଜଣେ ସ୍ଥପତି । ଏ ବିଶାଳ ଭବନଟିକୁ ଏବେ ହେରିଟେଜ ବିଲ୍ଡିଂର ମାନ୍ୟତା ଦିଆଯାଏ ଏବଂ ତାକୁ ଏଭଳି ଭାବରେ ରକ୍ଷଣାବେକ୍ଷଣ କରାଯାଉଛି । ଯଦି କୋଲକାତା ଯାଉଥିବେ ତେବେ ଏ ଭବନଟିକୁ ବୁଲି ଆସନ୍ତୁ । ଏଠି ଇତିହାସ ବର୍ତ୍ତମାନ ହୋଇ ଠିଆ ହୋଇଛି ।



# ବି-ଟାଉନ୍‌ରେ ଅଦଳବଦଳ



## ଓଟିଟିରେ ନୂଆ ଯୋଡ଼ି

ଫିଲ୍ମ ଫାଇଟର ଜରିଆରେ ଗ୍ରିକ୍ ଗଡ୍ ହ୍ରିତିକ ରୋଶନ ଓ ଗର୍ଜିୟସ ଆକ୍ଟ୍ରେସ୍ ଦୀପିକା ପାଦୁକୋନଙ୍କୁ ପ୍ରଥମଥର ପାଇଁ ଏକାଠି ଦେଖିବାକୁ ମିଳିଥିଲା । ଆକ୍ସନରେ ଭରପୂର ଏହି ଫିଲ୍ମଟିକୁ ସମୀକ୍ଷକଙ୍କ ତରଫରୁ ମିଶ୍ର ପ୍ରତିକ୍ରିୟା ମିଳିଥିବାବେଳେ ବି-ଟାଉନ୍ ଦର୍ଶକ ମଧ୍ୟ ଏହି ନୂଆଯୋଡ଼ିକୁ ଖୁବ୍ ଭଲ ପାଇବା ଦେଇଥିଲେ । ୨୦୨୧ ଜାନୁଆରୀରେ ଆନୁଷ୍ଠାନିକ ରୂପେ ଏହି ଫିଲ୍ମ ସମ୍ବନ୍ଧରେ ଘୋଷଣା କରାଯାଇଥିଲା ଏବଂ ଗତ ସେପ୍ଟେମ୍ବର ୩୦ରେ ଏହା ରିଲିଜ୍ ହେବାର ଥିଲା । ହେଲେ ପ୍ରଡକ୍ସନରେ ବିଳମ୍ବ ହେତୁ ଗଣତନ୍ତ୍ର ଦିବସ ଅବସରରେ ଗତ ଜାନୁଆରୀ ୨୫ରେ ଏହାକୁ ରିଲିଜ୍ କରାଗଲା । ତେବେ ନିକଟରେ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିକୁ ଓଟିଟିରେ ରିଲିଜ୍ କରାଯାଇଛି ବୋଲି ଜଣାପଡ଼ିଛି । ନେଟ୍‌ଫ୍ଲିକ୍ସ ଏହାର ଅଫିସିଆଲ୍ ଇନ୍‌ଷ୍ଟା ହ୍ୟାଣ୍ଡେଲ୍‌ରେ ଏ ସମ୍ବନ୍ଧରେ ସୂଚନା ଦେଇଛି । ଗୁରୁବାର ମଧ୍ୟରାତ୍ରରୁ ଏହା ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେଉଛି ବୋଲି ଉଲ୍ଲେଖ କରାଯାଇଛି । ସୂଚନାନୁଯାୟୀ ବକ୍ସ ଅଫିସ୍‌ରେ ଫିଲ୍ମଟି ୩୩୭.୨ କୋଟିରୁ ଅଧିକ ଟଙ୍କାର କଲେକ୍ସନ କରିଥିଲା । ଉଭୟ ଦୀପିକା ଓ ହ୍ରିତିକ ଏଥିରେ ସ୍କ୍ୱାଡ୍ରନ୍ ଲିଡର ରୂପେ ନଜର ଆସିଥିଲେ । ଏହି ଦୁଇ ଆକ୍ଟରଙ୍କ ବ୍ୟତୀତ ଅନୀଲ କପୁର, କରଣ ସିଂହ ଗ୍ରୋଭର, ଅକ୍ଷୟ ଓବରୟ, ସଞ୍ଜୀଦା ଶୈଖ୍ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା ।



ବିଭିନ୍ନ ସମୟରେ ବି-ଟାଉନ୍‌ରେ ଆକ୍ଟର କିମ୍ବା ଆକ୍ଟ୍ରେସ୍‌ଙ୍କୁ ନେଇ ଅଦଳବଦଳ ଲାଗିରହିଥାଏ । ଠିକ୍ ସେହିପରି ବର୍ତ୍ତମାନ ଏକ ଫିଲ୍ମର ଷ୍ଟାର୍ ଅଦଳବଦଳକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି । ଲୋକପ୍ରିୟ କନ୍ନଡ ଫିଲ୍ମମେକର ସଚିନ ବି. ରବିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଅଶ୍ୱତ୍ଥମା-ଦି ସାଗା କଣ୍ଟିନ୍ୟୁଜ୍'କୁ ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ହେଲେ ପୂର୍ବରୁ ଏହି ଫିଲ୍ମର ଲିଡ୍‌ରେ ଆକ୍ଟର ବିକ୍କି କୌଶଲଙ୍କୁ କାଷ୍ଟ କରାଯାଇଛି ବୋଲି ଶୁଣିବାକୁ ମିଳୁଥିଲା । ହେଲେ ଫାଇନାଲ୍ ଆନାଉନ୍ସମେଣ୍ଟ ଭାବେ ବିକ୍କିଙ୍କ ପରିବର୍ତ୍ତେ ଏହି ଚରିତ୍ରରେ ସାହିଦ କପୁରଙ୍କୁ ଫାଇନାଲ୍ କରାଯାଇଛି ବୋଲି ଜଣାପଡ଼ିଛି । ଠିକ୍ ସେହିପରି ଏହି ଫିଲ୍ମକୁ ଆଦିତ୍ୟ ଧର ନିର୍ଦ୍ଦେଶନା ଦେବେ ବୋଲି ମଧ୍ୟ ଗୁଜବ ହେଉଥିଲା । ହେଲେ ବର୍ତ୍ତମାନ ସଚିନ ରବି ତାଙ୍କ ସ୍ଥାନରେ ନିର୍ଦ୍ଦେଶନା ଦେବେ ବୋଲି ଘୋଷଣା କରାଯାଇଛି । ଏ ସମ୍ବନ୍ଧରେ ସାହିଦ ନିଜେ ହିଁ ଖୁଲାସା କରିଛନ୍ତି । ଏହି ଫିଲ୍ମରେ ମହାଭାରତର ଯୋଦ୍ଧା ଅଶ୍ୱତ୍ଥମା ଚରିତ୍ରକୁ ପ୍ରଦର୍ଶିତ କରାଯିବ । ତେବେ ଏହା ଏକ ପ୍ୟାନ୍ ଇଣ୍ଡିଆ ଫିଲ୍ମ ହେବ ଏବଂ ହିନ୍ଦୀ, ଇଂରାଜୀ, ତାମିଲ, ତେଲୁଗୁ ଓ ମାଲାୟାଲାମ ଆଦି ପାଞ୍ଚୋଟି ଭାଷାରେ ଏହାକୁ ରିଲିଜ୍ କରାଯିବ ।



## ଦିନକ ପୂର୍ବରୁ କାଷ୍ଟ

ନବେ ଦଶକର ଅନ୍ୟତମ ଲୋକପ୍ରିୟ ଫିଲ୍ମ ମଧ୍ୟରେ ଗଣାଯାଏ ସୈଫ୍ ଅଲ୍ଲୀ ଖାନ୍ ଓ ପ୍ରୀତି ଜିଣ୍ଟାଙ୍କ ଅଭିନୀତ ଫିଲ୍ମ କ୍ୟା କେହେନା । ସେତେବେଳର ଏହି ଲଭ୍‌ଷ୍ଟୋରୀ ଆଜିବି ଅନେକ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥାଏ । ହେଲେ ଏହି ଫିଲ୍ମର ଷ୍ଟାର୍‌କାଷ୍ଟକୁ ନେଇ ବର୍ତ୍ତମାନ ଏକ ରୋଚକ ଖବର ସାମନାକୁ ଆସିଛି । ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିଥିବା ସୈଫ୍‌ଙ୍କୁ କେବଳ ଗୋଟିଏ ଦିନ ପୂର୍ବରୁ ହିଁ କାଷ୍ଟ କରାଯାଇଥିବା ଜଣାପଡ଼ିଛି । ଏମିତିକି ତାଙ୍କୁ ସୁଟିଂ ସମୟରେ ମେକର୍ସଙ୍କ ତରଫରୁ କୌଣସି ଡ୍ରେସ୍ ଦିଆଯାଇନଥିଲା । ଏହା ପରିବର୍ତ୍ତେ ଘରୁ ଡ୍ରେସ୍ ଆଣି ପିନ୍ଧିବାକୁ କୁହାଯାଇଥିଲା ବୋଲି ଫିଲ୍ମର ପ୍ରଡ୍ୟୁସର କୁମାର ଏସ୍ ତଉରାନି ଏକ ସାକ୍ଷାତକାରରେ ଖୁଲାସା କରିଛନ୍ତି । ତାଙ୍କ କହିବା ମୁତାବକ ଏଥିପାଇଁ ଯାହାକୁ କାଷ୍ଟ କରାଯାଇଥିଲା ସେ ଏଣ୍ଡ୍ ମୁମେଣ୍ଟରେ ହିଁ ଫିଲ୍ମରୁ ବ୍ୟାକ୍‌ଆଉଟ୍ କରିଥିଲେ । ଯାହାଫଳରେ ସୁଟିଂ ପୂର୍ବସନ୍ଧ୍ୟାରେ ସୈଫ୍‌ଙ୍କ ଘରକୁ ଯାଇ ତାଙ୍କୁ ଫିଲ୍ମର କାହାଣୀ ଶୁଣାଯାଇଥିଲା । କାହାଣୀ ଶୁଣି ସୈଫ୍ ତତ୍‌କ୍ଷଣାତ୍ ରାଜି ହୋଇଯାଇଥିଲେ ଏବଂ ପରଦିନରୁ ହିଁ ସୁଟିଂ ଆରମ୍ଭ ହୋଇଥିଲା ।



## ଛମକଛଲୋଙ୍କ ମଡର୍ଣ୍ଣ ଟ୍ୱିଷ୍ଟ

ବଲିଉଡ୍‌ର ଛମକଛଲୋ କରୀନା କପୁର ଖାନ୍ ତାଙ୍କ ଅପ୍‌କମିଂ ଫିଲ୍ମ କ୍ରୁ'କୁ ନେଇ ସ୍ପଟ୍‌ଲାଇଟ୍‌ରେ ରହିଛନ୍ତି । ନିକଟରେ ଏହି ଫିଲ୍ମର ଏକ ଗୀତ ରିଲିଜ୍ ହୋଇଛି, ଯେଉଁଥିରେ କରୀନାଙ୍କର ଆକର୍ଷଣୀୟ ଅନ୍ଦାଜ ସାଙ୍ଗକୁ ମଡର୍ଣ୍ଣ ଟ୍ୱିଷ୍ଟ ଦେଖିବାକୁ ମିଳିଛି । ଦର୍ଶକ ଏହି ଗୀତରେ ନବେ ଦଶକର ପୁରୁଣା ଅନୁଭୂତିକୁ ସାଉଁଟୁଛନ୍ତି । ସେତେବେଳର ଲୋକପ୍ରିୟ ଗୀତ ଚୋଲି କେ ପିଛେ କ୍ୟା ହୈ'ର ମଡର୍ଣ୍ଣ ଭର୍ସନକୁ ନେଇ ଏହାର ରିମେକ୍ ପ୍ରସ୍ତୁତ କରାଯାଇଛି । ୧୯୯୩ରେ ରିଲିଜ୍ ହୋଇଥିବା ଫିଲ୍ମ ଖଳନାୟକର ଏହି ଗୀତରେ ଡ୍ୟାନ୍ସିଂ ଡିଭା ମାଧୁରୀ ଦିକ୍ଷିତଙ୍କୁ ଦେଖିବାକୁ ମିଳିଥିଲା । ହେଲେ ଏହାର ରିମେକ୍ ସଙ୍ଗ୍‌ରେ କରୀନାଙ୍କୁ ଠୁମକା ଲଗାଉଥିବାର ଦେଖିବାକୁ ମିଳୁଛି । ଏହି ଗୀତରେ କରୀନା ଗୋଲାପୀ ଶାଢ଼ୀରେ ଖୁବ୍ ଷ୍ଟନିଂ ଲାଗୁଛନ୍ତି । ରାଜେଶ କ୍ରୀଷ୍ଣନ୍‌ଙ୍କ ନିର୍ଦ୍ଦେଶିତ ତଥା ଏକତା କପୁରଙ୍କ ପ୍ରଯୋଜିତ ଏହି ଫିଲ୍ମରେ କରୀନାଙ୍କ ସମେତ ତବୁ ଓ କ୍ରିତି ସାନନ୍‌ଙ୍କୁ ଦେଖିବାକୁ ମିଳିବ ।



## ବିୟୁଟିଫୁଲ୍ ଶ୍ରୀବଲ୍ଲୀ

ଶ୍ରୀବଲ୍ଲୀ ନାଁ ଆସିଲେ ସର୍ବପ୍ରଥମେ ଅଲ୍ଲୁ ଅର୍ଜୁନ୍ ଷ୍ଟାରର୍ ଫିଲ୍ମ ପୁଷ୍ପା କଥା ମନକୁ ଆସେ । ଏଥିରେ ଏକ୍ସପ୍ରେସନ୍ କୁଇନ୍ ରଶ୍ମିକା ମନ୍ଦାନା ଶ୍ରୀବଲ୍ଲୀ ହୋଇ ଦର୍ଶକଙ୍କର ଖୁବ୍ ମନୋରଞ୍ଜନ କରିଥିଲେ । ବର୍ତ୍ତମାନ ପୁଷ୍ପାର ସିକ୍ୱେଲ୍‌କୁ ଦର୍ଶକ ଉତ୍କଣ୍ଠତାର ସହିତ ଅପେକ୍ଷା କରିରହିଥିବାବେଳେ ସୁଟିଂ ସେଟ୍‌ରୁ ରଶ୍ମିକାଙ୍କର ଏକ ଫଟୋ ଭାଇରାଲ୍ ହେବାରେ ଲାଗିଛି । ଭାଇରାଲ୍ ଫଟୋରେ ରଶ୍ମିକା ଗୋଲ୍ଡେନ୍ ବର୍ଡର ଥିବା ଲାଲ୍ ଶାଢ଼ୀ ସାଙ୍ଗକୁ ହେଭି ଜୁଏଲାରୀରେ ଶ୍ରୀବଲ୍ଲୀ ଗେଟଅପ୍‌ରେ ନଜର ଆସୁଛନ୍ତି । ଏହା ସାଙ୍ଗକୁ ଲମ୍ବାକେଶରେ ନାରଙ୍ଗୀ ରଙ୍ଗର ଗଜରା ପିନ୍ଧିଛନ୍ତି, ଯାହା ତାଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛି । ରଶ୍ମିକାଙ୍କ ଫ୍ୟାନ୍ସ ଶ୍ରୀବଲ୍ଲୀଙ୍କ ଏହି ଭାଇରାଲ୍ ଫଟୋ ଦେଖିବା ପରେ ଖୁବ୍ ଉତ୍ସାହିତ ହୋଇପଡ଼ିଛନ୍ତି । ସୁକୁମାରଙ୍କ ନିର୍ଦ୍ଦେଶନାରେ ନିର୍ମିତ ପୁଷ୍ପା ୨ ଚଳିତବର୍ଷ ଅଗଷ୍ଟ ୧୫ରେ ପରଦାକୁ ଆସିବ । ଏଥିରେ ଅଲ୍ଲୁ ଓ ରଶ୍ମିତାଙ୍କ ବ୍ୟତୀତ ଫାସିଲ, ଜଗଦିଶ ପ୍ରତାପ ଭଣ୍ଡାରୀ, ସୁନୀଲ, ରାଓ ରମେଶ, ଧନଞ୍ଜୟ ପ୍ରମୁଖଙ୍କୁ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ ।



# ଅବିର ଲଗେଇ ଖେଳିବା ହୋଲି

ବରଷକ ପରେ ଆସୁଅଛି ହୋଲି
ଖୁସିର ପସରା ନେଇ
କୁନା ମୁନା ଝୁନା ଉଚ୍ଛନ୍ନ ହେଲେଣି
ରଙ୍ଗ ପିଚକାରୀ ପାଇଁ ।।
ନୂଆ ପିଚକାରୀ ନାନା ଜାତି ରଙ୍ଗ
କିଣିବେ ହାଟକୁ ଯାଇ
ଦୋଳ ପୁନେଇଁର ପରଦିନ ହୋଲି
ଖେଳିବେ ରଙ୍ଗ ଲଗେଇ ।।
ଜେଜେ କହୁଥିଲେ ଆଜିକାଲି ରଙ୍ଗ
ଶରୀର ପାଇଁ ଅହିତ
ସେଥିରେ ଲୁଚିଛି ରସାୟନ ଦ୍ରବ୍ୟ
ଦୁଃଖ ଦିଅଇ ବହୁତ ।।
କିଛି ଦୋକାନରେ ଜୈବିକ ଅବିର
ମିଳୁଛି ହାଟ ବଜାରେ
ସେହି ଅବିରକୁ ସରାଗେ କିଣିବ
ଖେଳିବ ହୋଲି ଶ୍ରଦ୍ଧାରେ ।।
ଜେଜେଙ୍କ କଥାକୁ ସନମାନ ଦେଇ
ଜୈବିକ ଅବିର କିଣି
କୁନା ମୁନା ଝୁନା ହୋଲି ମନାଇଲେ
ସାଙ୍ଗସାଥୀ ସହ ମିଳି ।।
ରସାୟନ ରଙ୍ଗ ବିପଦ ସଙ୍କୁଳ
ତା'ପାଶୁ ରହିବା ଦୂର
ଜୈବିକ ଅବିର ଦେହ ପାଇଁ ହିତ
କରିବା ତା'ର ଆଦର ।।
ଅବିର ରଙ୍ଗକୁ ଦେହରେ ଲଗେଇ
ହିଂସାଭାବ ମନୁ ଭୁଲି
ରାଧାକୃଷ୍ଣ ନାମ ତୁଣ୍ଡେ ଗାଇ ଗାଇ
ଶ୍ରଦ୍ଧାରେ ଖେଳିବା ହୋଲି ।।

**ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬



## ହୋଲି ପର୍ବ ଆସେ

ଶ୍ରୀରାଧାକୃଷ୍ଣଙ୍କ ଦୋଳଯାତ ହୁଏ
ଆସିଲେ ଦୋଳ ପୁନେଇଁ
ଏହା ସାଥେ ହୋଲି ପର୍ବ ଆସିଥାଏ
ଫଗୁଣ ଗର୍ବ କରଇ ।।
ବସନ୍ତ ଆଗମେ ମରତ ହସଇ
ବୃକ୍ଷ ହୁଏ ପଲ୍ଲବିତ
ସୁଲୁସୁଲୁ ହୋଇ ମଳୟ ବହଇ
ମନ ହୁଏ ପୁଲକିତ ।।
ହୋଲି ରଙ୍ଗ ଖେଳ ସର୍ବତ୍ର ଜମଇ
ଗାଆଁଠୁ ସହର ଯାଏ
ନାନା ବାଦ୍ୟ ସ୍ୱରେ କିଏ ତାଳ ଦେଇ
ଆନନ୍ଦରେ ନାଚିଥାଏ ।।
ହୋଲି ଖେଳେ ଜାତି ଧର୍ମ ଭେଦ ନାହିଁ
ନାହିଁ ଭେଦ ବଡ଼ ସାନ
ସ୍ରଷ୍ଟାଙ୍କର ସୃଷ୍ଟି ସଭିଏଁରେ ଭାଇ
ସରବେ ଆମ୍ଭେ ସମାନ ।।
ଐକ୍ୟ ମୈତ୍ରୀ ପ୍ରିତି ଭାବ ଆଣିଥାଏ
ଏଇ ହୋଲି ହୃଦୟରେ
ନାନା ସୁଆଦିଆ ଖାଦ୍ୟ ରନ୍ଧାଯାଏ
ସର୍ବେ ଖାଆନ୍ତି ଖୁସିରେ ।।
ହୋଲି ପର୍ବ ଆସେ ବରଷକେ ଥରେ
ବାଣ୍ଟେ ସୁଖ ଶାନ୍ତି କେତେ
ଏହା ସ୍ମୃତି ପାଲଟଇ ଏ ମନରେ
ଅଭୁଲା ଏହା ମରତେ ।।

**ଡକ୍ଟର ଚାଇନା ପ୍ରଧାନ**
ପ୍ରାକ୍ତନ ଅଧକ୍ଷ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ,
ନାଉଗାଁହାଟ, ଜଗତ୍‌ସିଂହପୁର
ମୋ: ୯୪୩୮୬୧୬୬୭୭



## ମଶାରୀ କିଣିକି ଆଣ

ସାରା ଓଡ଼ିଶାରେ ଡେଙ୍ଗୁ ବ୍ୟାପିଅଛି
ଏଡ଼ିସ୍ ମଶାଙ୍କ ପାଇଁ
ଅଗଣିତ ରୋଗୀ ଚିକିତ୍ସା ହୁଅନ୍ତି
ଡାକ୍ତରଖାନାରେ ଯାଇ ।।
ମଶାରୀ ଟାଙ୍ଗୁନ ଧୂଆଁ ବି ଦେଉନ
ଏଡ଼ିସ୍ ପାଳୁଛ ଘରେ
ପାଣି ଜମିବାରୁ ମଶା ଅଣ୍ଡାଦିଏ
ଭାବିଛକି ଏହା ଥରେ ।।
ହୁସିଆର ଯଦି ଥିବା ଆମେମାନେ
ଡେଙ୍ଗୁ ଜ୍ୱର କିବା ହେବ
ଯଦି ହେଲା ଜ୍ୱର ରକତ ଯାଇକି
ପରୀକ୍ଷା କରେଇ ନେବ ।।
ଆରମ୍ଭରୁ ରୋଗ ଧରା ପଡ଼ିଗଲେ
ଭଲ ହୋଇଯିବ ଜାଣ
ଘରେ ନାହିଁ ଯଦି ମଶାରୀ ଖଣ୍ଡିଏ
ଆଜି ଯାଇ କିଣି ଆଣ ।।

**ଶିଶିର କୁମାର ପଣ୍ଡା**
କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮


## ବନ୍ଧୁତା



ଥିଲା ଘରେ ଗୋଟେ ପୋଷା ବିଲେଇ
କହେ ତା'ର ଭାଷା ମ୍ୟାଉଁ ବୋବାଇ
ଆସିଲା ଘରକୁ କୁକୁର ଏକ
ନଥିଲା ରାତିରେ ଚୋରର ଦକ ।।
କୁକୁର ଜଗଇ ଦାଣ୍ଡ ଦୁଆର
ମୂଷାଙ୍କର ଯେତେ ପୁଷିକୁ ଡର,
ଦୁହେଁ ମାଲିକଙ୍କ ଯେଣୁ ନିଜର
କ୍ରମେ ପରିଚୟ ହେଲା ଗଭୀର ।।
କୁକୁର ବିଲେଇ ବସିଲେ ମିତ
ଖାଆନ୍ତି ମିଶିକି ଥାଳିରେ ଭାତ
କେବେ କ୍ଷୀର ପୁଣି କେବେ ଆଇଁଷ
ଯାହା ଦେଲେ ପଛେ ମନେ ହରଷ ।।
ଖାଉଥିଲେ ଦିନେ ମିଳିକି ଦୁଇ
ଅଳ୍ପ ଖାଇ ଉଠିଗଲା ବିଲେଇ
ଘର କଣ ଦେଖି ଯାଇ ଶୋଇଲା
ଟିପୁ ମନ ତେଣୁ ଦୁଃଖିତ ହେଲା ।।
ଜାଣିଲା ପୁଷିକୁ ହୋଇଛି ଜ୍ୱର
କମ୍ପୁଥିଲା ତା'ର ସାରା ଶରୀର,
ବିଛଣା ଚାଦର ଟିପୁ ଆଣିଲା
ଧୀରେ କରି ତାକୁ ଘୋଡାଇ ଦେଲା ।।
ଡାକିଲେ ମାଲିକ ଯାଇ ଡାକ୍ତର
ପଥ୍ୟ ଲେଖିଲେ ସେ ଦୁଇ ପ୍ରକାର,
ପୁଷି ମୁଖେ ଟିପୁ ଦେଲା ଔଷଧ
ପିତା କଷା ଥିଲା ତାହାର ସ୍ୱାଦ ।।
ଟିପୁ ତା'ର ସାଥୀ ମାନିଲା ପୁଷି
ଧନ୍ୟବାଦ ଦେଲା ଅଳପ ହସି,
ଦେହ ଭଲ ହେଲା ତିନି ଦିନରେ
ପୁଷି ଖେଳେ ପୁଣି ବନ୍ଧୁ ସାଥିରେ ।।

**ସୁଦର୍ଶନ ମହାପାତ୍ର**
କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨






ଅଲ୍‌ଇଣ୍ଡିଆ ପ୍ରେଗ୍‌ନେଣ୍ଟ ଜବ୍: ଇଚ୍ଛୁକ ଥିଲେ ଆବେଦନ କର । ନିଃସନ୍ତାନ, ସୁନ୍ଦରୀ, ଧନୀ ମହିଳାଙ୍କୁ ଗର୍ଭବତୀ କରିପାରିଲେ ୧୦ରୁ ୧୩ ଲକ୍ଷ, ନ କରିପାରିଲେ ୫ ଲକ୍ଷର ଗ୍ୟାରେଣ୍ଟି । ଏଭଳି ଏକ ତେଡ଼୍‌ଲି କମ୍ବିନେଶନ ଅଫର ଶୁଣି ଯେକେହି ଅର୍ଥଲୋଭୀ ଓ ରଙ୍ଗିଲା ବ୍ୟକ୍ତି ଫସିବା ସୁନିଶ୍ଚିତ । ତେବେ ଏହି ଚକରରେ ପଡ଼ି ଶତାଧିକ ବ୍ୟକ୍ତି କୋଟି କୋଟି ଟଙ୍କା ହରାଇସାରିଥିବାର ଖବର ନିକଟରେ ଶୁଣିବାକୁ ମିଳିଛି । ଏହାର ଶିକାର ହୋଇଥିବା ପୀଡ଼ିତମାନେ ଲୋକଲଜ୍ଜା ଭୟରେ ମୁହଁ ଖୋଲୁନଥିଲେ । ପ୍ରେଗ୍‌ନେଣ୍ଟ କର ଲକ୍ଷପତି ହୁଏ ଧନ୍ଦା ନିର୍ଦ୍ଦ୍ୱନ୍ଦ୍ୱରେ ଚାଲିଥିଲା । ତେବେ ଏତେସଂଖ୍ୟକ ଯୁବକ ବିଲ ମଝିରେ ଏକାଠି ହୋଇ ମୋବାଇଲ୍‌ରେ ଲାଗିରହିବା ଗାଁର କିଛି ଲୋକଙ୍କର ହଜମ ହୋଇ ନ ଥିଲା । ଖବର ପୋଲିସ ପାଖରେ ପହଞ୍ଚିବାରୁ ହଠାତ୍ ଚଢ଼ାଉ କରି ପୋଲିସ ଏହି ସାଇବର ଠକ ର୍‍ୟାକେଟ୍‌ର ପର୍ଦ୍ଦାଫାସ କରିଥିଲା ।

ପ୍ରେଗ୍‌ନେଣ୍ଟ ଇଣ୍ଡଷ୍ଟ୍ରୀର ହେଡ୍‌କ୍ୱାର୍ଟର ରହିଥିଲା ବିହାର ପାଟନାଠାରୁ ଦେଢ଼ଶହ କିଲୋମିଟର ଦୂର ନବାଦା ସହରର ଗୁରହ୍ମା ଗାଁରେ । ଅଫିସ କହିଲେ ବିଲ ମଝିରେ ଏକ ଝୁମ୍ପୁଡ଼ି, ମୋବାଇଲ୍ ନେଟ୍‌ୱାର୍କ ଆସିବା ପାଇଁ ଏକ ମଞ୍ଚା, କର୍ମଚାରୀ ହେଲେ ୨୦ରୁ ୩୦ ଅଧାପାଠୁଆ ଯୁବକ, ସଂସାଧନ ହେଲା କିଛି ମୋବାଇଲ ଓ ମିନି ପ୍ରିଣ୍ଟର । ଏହି ସୀମିତ ସମ୍ବଳରେ କୋଟି କୋଟି ଟଙ୍କାର ଫ୍ରଡ୍ ହୋଇଥିବା ଜଣାପଡ଼ିବା ପରେ ପୋଲିସ ପ୍ରେଗ୍‌ନେଣ୍ଟ ଅଫିସକୁ ଧ୍ୱଂସ କରିବା ସହ ଗ୍ୟାଙ୍ଗର ୮ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୧୮ ଜଣଙ୍କ ସହ ମାଷ୍ଟରମାଇଣ୍ଡ ମୁନା ଫେରାର ହୋଇଯାଇଥିଲା ।

ଘଟଣାର ସୂତ୍ରପାତ ହୋଇଥିଲା ୫ ବର୍ଷ ତଳୁ । ଗୁରହ୍ମା ଗ୍ରାମର ମୁନା ରାଜସ୍ଥାନର ମେବାଡ଼ରେ ଏକ ଛୋଟ ଚାକିରି କରିଥିଲା । ଏହି ଅବସରରେ ମୁନାର ସାକ୍ଷାତ ହୋଇଥିଲା ଏକ ସାଇବର ଠକ ଗ୍ୟାଙ୍ଗର ଜଣେ ଯୁବକ ସହିତ । ଯୁବକଙ୍କ କଥାରେ ପ୍ରଭାବିତ ହୋଇ ମୁନା ତାଙ୍କ ଦଳରେ ସାମିଲ ହୋଇ ସାଇବର ଫ୍ରଡ୍ ପ୍ରଶିକ୍ଷଣ ନେଇଥିଲା । ଏକ ମୋବାଇଲ୍ ଫୋନ୍ ସାହାଯ୍ୟରେ କିପରି ଯେକୌଣସି ବ୍ୟକ୍ତିଙ୍କୁ କାଙ୍ଗାଳ କରିହେବ ଏହି କଳାରେ ମୁନା ଏକ୍ସପର୍ଟ ହୋଇଯାଇଥିଲା । ଏହି ଧନ୍ଦା ସବୁ ସାଇବର ଠକ କରୁଥିବା ବେଳେ ମୁନା କିଛି ନୂଆ କରିବାକୁ ଚିନ୍ତା କରିଥିଲା । ଏହି କଥା ଭାବି ମୁନା ରାଜସ୍ଥାନ ଛାଡ଼ି ଗାଁକୁ ଚାଲିଆସିଥିଲା ।

ଗାଁରେ ପହଞ୍ଚିବା ପରେ ମୁନା ବିଲ ମଝିରେ ଥିବା ଏକ ପୋଖରୀରେ ମାଛଚାଷ ଆରମ୍ଭ କରିଥିଲା । ଏହି ବ୍ୟବସାୟ ଆଳରେ ମୁନା ତା'ର ଗୋରଖ ଧନ୍ଦାକୁ ବଢ଼ାଇଥିଲା । ଏକ ଭଙ୍ଗା ଝୁମ୍ପୁଡ଼ିକୁ ସଫାକରି ସେଥିରେ ଅଫିସ ଆରମ୍ଭ କରିଥିଲା । ଏହା ନିକଟରେ ଏକ ମଞ୍ଚା କରିଥିଲା । ଗାଁର ୨୦ରୁ ୩୦ ଯୁବକଙ୍କୁ ଚିହ୍ନଟ କରି ସେମାନଙ୍କୁ ସାଇବର ଫ୍ରଡ୍ ଟ୍ରେନିଂ ଦେଇଥିଲା । ଟ୍ରେନିଂ ସରିବା ମାତ୍ରେ କମ୍ପାନୀ କାମ ଆରମ୍ଭ ହୋଇଯାଇଥିଲା । ଏକ ପ୍ରିଣ୍ଟର ମାଧ୍ୟମରେ କମ୍ପାନୀର ନାମ, ଏକ ସୁନ୍ଦର କୋଠାର ଛବି, ଲୋଭନୀୟ ସ୍ଲୋଗାନର ପ୍ରିଣ୍ଟଆଉଟ୍ କଢ଼ି ଏହାକୁ ସୋସିଆଲ ମିଡିଆରେ ଛଡ଼ାଯାଇଥିଲା । କିଛିଦିନ ଭିତରେ ହ୍ୱାଟ୍ସଆପ୍ ଓ ଫେସ୍‌ବୁକ୍‌ରେ କମ୍ପାନୀର ନାମ ଆସିବାରୁ ମୁନା ଲୋକଙ୍କ ଡାଟା କିଣିବା ଆରମ୍ଭ କରିଥିଲା । ଏହି ଡାଟାରୁ ମୁନା ସମ୍ପୃକ୍ତ ବ୍ୟକ୍ତିର ଫୋନ୍ ନମ୍ବର, ଠିକଣା, ବୟସ, ପେସା ଇତ୍ୟାଦି ସମ୍ପର୍କରେ ଜାଣି ସେମାନଙ୍କୁ ଫସାଇବା ଆରମ୍ଭ କରିଥିଲା । ସୋସିଆଲ ମିଡିଆରେ ଅଲ୍‌ଇଣ୍ଡିଆ ପ୍ରେଗ୍‌ନେଣ୍ଟ ଜବ୍‌ର ବିଜ୍ଞାପନ ଦିଆଯାଇ ଏଥିରେ ଦର୍ଶାଯାଇଥିଲା ଯେଉଁ ଧନୀ ଓ ସୁନ୍ଦରୀ ମହିଳା ବିବାହର କିଛିବର୍ଷ ପରେ ମଧ୍ୟ ମା' ହୋଇପାରୁ ନାହାନ୍ତି ଆମ କମ୍ପାନୀ ତାଙ୍କ ପାଇଁ କାମ କରୁଛି । ଏହି କାମ ସେବା ଭିତ୍ତିକ ଓ ଆଇନ ଅନୁମୋଦିତ । ଇଚ୍ଛୁକ ବ୍ୟକ୍ତି ଏହି କାମ ପାଇଁ ଆଗେଇ ଆସିଲେ ସେମାନଙ୍କୁ ବିପୁଳ ଅର୍ଥରାଶୀ ଦିଆଯିବ । ପ୍ରେଗ୍‌ନେଣ୍ଟ କରିପାରିଲେ ୧୦ରୁ ୧୩ ଲକ୍ଷ, ନ କରିପାରିଲେ ୫ ଲକ୍ଷ । ଯୋଗାଯୋଗ ପାଇଁ ଯେଉଁ ମୋବାଇଲ୍ ନମ୍ବର ଦିଆଯାଇଥିଲା ତା'ର ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ଇଣ୍ଡିଆନ୍ ଆର୍ମିର ବର୍ଦ୍ଦି ଚିତ୍ର ରହିଥିଲା । ଏହାକୁ ଦେଖି ଲୋକ ଭାବୁଥିଲେ ଏହା ଏକ ସାମାଜିକ ଅର୍ଗାନାଇଜେସନ୍ ।

**ଠକ ଆଉ ଠକାମୀର ଅନେକ କାହାଣୀ ଆମେ ଶୁଣିଛେ । ନଟବରଲାଲ୍‌ଠାରୁ ଆରମ୍ଭ କରି ମୁକେଶ ଚନ୍ଦ୍ରଶେଖରଙ୍କ ପର୍ଯ୍ୟନ୍ତ ଅନେକ ଠକ ଆସିଛନ୍ତି ଯାଇଛନ୍ତି । ଆଖିରୁ କଳା ହରଣଠୁ ନେଇ ଗୋଟିଏ ବଟନ ଚିପି କାଙ୍ଗାଳ କରିଦେଉଥିବା ଭଳି ଅନେକ ଠକ ସାମ୍ନାକୁ ଆସିଛନ୍ତି । ହେଲେ ନିକଟରେ ଏସବୁକୁ ବହୁ ପଛରେ ଛାଡ଼ିଦେବା ଭଳି ଏକ ଉପାୟ ଠକଙ୍କ ନୂଆ ଜେନେରେସନ ମାର୍କେଟ୍‌ରେ ପେଶ୍ କରିଛନ୍ତି । ତାହା ହେଲା ପ୍ରେଗ୍‌ନେଣ୍ଟ କର, ଲକ୍ଷପତି ହୁଅ । ଠକଙ୍କ ନୂଆ ଉସ୍ତାଦ ଏହି ଅର୍ଗାନାଇଜେସନ୍‌ର ନାମ ରଖିଛନ୍ତି 'ଅଲ୍‌ଇଣ୍ଡିଆ ପ୍ରେଗ୍‌ନେଣ୍ଟ ଜବ୍' ।**

ଫୋନ୍‌ରେ କଣ୍ଟାକ୍ଟ କରୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ମେମ୍ବରଶିପ୍ ପାଇଁ ୫୦୦ ଟଙ୍କାର ରେଜିଷ୍ଟ୍ରେସନ ଫି ସାଙ୍ଗକୁ ଆଧାରକାର୍ଡ ଓ ଅନ୍ୟ ପରିଚୟପତ୍ରର ନକଲ ଦେବାକୁ କୁହାଯାଉଥିଲା । ଲକ୍ଷାଧିକ ଟଙ୍କା ଲୋଭରେ ଏସବୁ ଦେଇଦେବାମାତ୍ରେ ଉକ୍ତ ବ୍ୟକ୍ତିଙ୍କୁ ଏକ ନକଲି ଷ୍ଟାମ୍ପ ପେପରରେ ଚୁକ୍ତିନାମା ପଠାଯାଉଥିଲା । ଏହାପରେ ସିମେନ (ବିର୍ଯ୍ୟ) ଯାଞ୍ଚ ନାମରେ ୨୦୦୦ ହଜାର ଟଙ୍କା ମଗାଯାଉଥିଲା । ଯିଏ ଏହି ପର୍ଯ୍ୟାୟ ଅତିକ୍ରମ କରୁଥିଲା ସେମାନଙ୍କୁ ୫ରୁ ୬ ସୁନ୍ଦରୀ ମହିଳାଙ୍କ ଫଟୋ ପଠାଯାଉଥିଲା । ଏମାନଙ୍କ ମଧ୍ୟରୁ କାହାକୁ ପ୍ରେଗ୍‌ନେଣ୍ଟ କରିବାକୁ ଚାହୁଁଛନ୍ତି ବୋଲି ପଚରାଯାଉଥିଲା । ମହିଳା ଚୟନ ପରେ ସ୍ଥାନୀୟ ସହରର କୌଣସି ଫାଇଭଷ୍ଟାର ହୋଟେଲ ବାଛିବାକୁ ଓ ମହିଳା ପହଞ୍ଚିଯିବା ପରେ ଏହି ରୁମ୍‌ର ସମ୍ପୂର୍ଣ୍ଣ ଖର୍ଚ୍ଚ କମ୍ପାନୀ ଦେବ ବୋଲି କୁହାଯାଉଥିଲା । ହୋଟେଲରେ ପହଞ୍ଚି ପ୍ରେଗ୍‌ନେଣ୍ଟ କରିବା ପୂର୍ବରୁ ଶେଷ ସର୍ତ୍ତ ପୂରଣ କରାଯାଉଥିଲା । କମ୍ପାନୀର କର୍ମଚାରୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚୁକ୍ତି ଅନୁସାରେ ୫ ଲକ୍ଷ ଟଙ୍କା ଜମାହେବା ବା କ୍ରେଡିଟ୍ ହେବାର ମେସେଜ୍ ପଠାଉଥିଲେ । ଫୋନ୍‌ରେ କୁହାଯାଉଥିଲା ଆପଣଙ୍କ ଆକାଉଣ୍ଟକୁ ୫ ଲକ୍ଷ ଟଙ୍କା ଗଲା । ହେଲେ ଏହି ଟଙ୍କାର ଜିଏସ୍‌ଟି ପଇଠ ନ କରିବା ପର୍ଯ୍ୟନ୍ତ ଆପଣ ଉଠାଇ ପାରିବେ ନାହିଁ । ଏଥିପାଇଁ ଆପଣଙ୍କୁ ୧୮% ହିସାବରେ ୮୦ରୁ ୯୦ ହଜାର ଟଙ୍କା କମ୍ପାନୀ ଖାତାରେ ଜମା କରିବାକୁ ହେବ । ଟଙ୍କା ଜମା କରିବା ମାତ୍ରେ ଖେଳ ଶେଷ । କମ୍ପାନୀ କର୍ମଚାରୀଙ୍କ ଫୋନ୍ ବନ୍ଦ । ବ୍ୟକ୍ତିଜଣଙ୍କୁ ହୋଟେଲ ରୁମ୍‌କୁ ଯିବାକୁ ଓ ୫ ଲକ୍ଷ ଟଙ୍କା ଆସିବାକୁ ଅପେକ୍ଷାକରି ରହିବାଟା ସାର ହେଉଥିଲା । ଲୁଟ୍‌ର ଶିକାର ହୋଇଥିବା ଜାଣି ମଧ୍ୟ ଲୋକଟି ଲୋକଲଜ୍ଜା ଭୟରେ କାହାରିକୁ କହିପାରୁ ନ ଥିଲା ।



# ସୁସ୍ଥ ହୋଲି



**ହୋଲିକୁ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ରହିଥାଏ । କିଭଳି ସାଙ୍ଗସାଥୀ ଓ ପରିବାର ସହିତ ହୋଲି ଖେଳିବେ ସେ ନେଇ ଅନେକ ଦିନରୁ ସମସ୍ତେ ପ୍ଲାନିଂ କରିଥାଆନ୍ତି । ତେବେ ହୋଲି ଖେଳିବା ସମୟରେ ଏବଂ ଏହା ପରେ କେତେକ ହେଲ୍‌ଥ ଟିପ୍ସ ରହିଛି, ଯାହାକୁ ଫଲୋ କରିବା ଦ୍ୱାରା ଆମେ ଏକ ସୁସ୍ଥ ହୋଲି ପାଳନ କରିପାରିବା ।**

## ହୋଲି ପୂର୍ବରୁ ତ୍ୱଚାର ଯତ୍ନ

▶ହୋଲି ଖେଳିବାକୁ ଯିବା ପୂର୍ବରୁ ଫେସ୍ ୱାସ୍‌ରେ ନିଜ ମୁହଁ ଓ ଅନ୍ୟ ସ୍ଥାନକୁ ଭଲଭାବେ ଧୋଇ ନିଅନ୍ତୁ ।

▶ଏହାପରେ ଏଥିରେ ସନ୍‌ସ୍କ୍ରିନ୍ ଲଗାନ୍ତୁ, ଯାହା ଫଳରେ ଆପଣଙ୍କ ସ୍କିନ୍ ସନ୍‌ଏକ୍ସପୋଜରରୁ ବଞ୍ଚିବ । କେବଳ ସୂର୍ଯ୍ୟ ନୁହେଁ ଏହା ରଙ୍ଗରେ ବ୍ୟବହାର ହେଉଥିବା ବିଭିନ୍ନ କେମିକାଲରୁ ମଧ୍ୟ ବଞ୍ଚିତ କରିବ ।

▶ସବୁଠାରୁ ସହଜ ଉପାୟ ହୋଲି ପୂର୍ବରୁ ଦେହରେ ତେଲ ଲଗାନ୍ତୁ । ଏଥିପାଇଁ ଆପଣ ନଡିଆ, ଅଲିଭ୍ କିମ୍ବା ଆଲମଣ୍ଡ୍ ତେଲ ବ୍ୟବହାର କରିପାରିବେ । ଏହି ତେଲ ଆପଣଙ୍କ ଶରୀରରେ ଏକ ପ୍ରୋଟେକସନ୍ ଲେୟାର ପ୍ରସ୍ତୁତ କରିଥାଏ, ଯାହା ଫଳରେ ରଙ୍ଗରେ ବ୍ୟବହାର ହେଉଥିବା କେମିକାଲ କୌଣସି ଅସୁବିଧା କରିନଥାଏ ।

▶ଯଦି ପାରୁଛନ୍ତି ତେବେ ହୋଲି ଖେଳିବାକୁ ଯିବା ଆଗରୁ ସମ୍ପୂର୍ଣ୍ଣ ପୋଷାକ ପିନ୍ଧି ଯାଆନ୍ତୁ । ଏହା ଦ୍ୱାରା ମଧ୍ୟ ଆପଣ କେମିକାଲରୁ ବଞ୍ଚିପାରିବେ । ଯାହାଫଳରେ କୌଣସି ଆଲର୍ଜି ସମସ୍ୟା ହେବ ନାହିଁ । କୁଣ୍ଡାଇ ହେବା କିମ୍ବା ର୍‍ୟାସ୍ ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିବ ।

## କେଶର ଯତ୍ନ

➤ତ୍ୱଚା ଭଳି କେଶ ମଧ୍ୟ ହୋଲି ରଙ୍ଗରେ ନଷ୍ଟ ହେବାର ଆଶଙ୍କା ଅଧିକ ରହିଥାଏ । ତେଣୁ ହୋଲି ଖେଳିବାକୁ ଯିବା ପୂର୍ବରୁ କେଶରେ ତେଲ ଲଗାନ୍ତୁ । ଆପଣ ଯେ କୌଣସି ତେଲ କେଶରେ ଲଗାଇ ନିଅନ୍ତୁ, ଏହାପରେ ହୋଲି ଖେଳନ୍ତୁ । ଏହା ଦ୍ୱାରା ରଙ୍ଗରେ ମିଶିଥିବା କ୍ଷତିକାରକ କେମିକାଲ ଆପଣଙ୍କ ଚୁଟିକୁ ନଷ୍ଟ କରିପାରିବ ନାହିଁ ।

➤ସେହିଭଳି ଚୁଟିର ମୂଳରେ ଅଳ୍ପ ପରିମାଣର କଣ୍ଡିସନର ଲଗାଇ ଛାଡି ଦିଅନ୍ତୁ । ହୋଲି ଖେଳିବା ପରେ ଏହି କାରଣରୁ ସହଜରେ ହୋଲି ରଙ୍ଗ କେଶ ମୂଳରୁ ଛାଡିଯିବ ।

➤ସବୁଠାରୁ ଭଲ ଉପାୟ କେଶକୁ ଭଲ କରି ବେଣି କିମ୍ବା ରବରବ୍ୟାଣ୍ଡ୍‌ରେ ହୋଲି ଖେଳିବା ଆଗରୁ ବାନ୍ଧି ନିଅନ୍ତୁ । ଯାହାଫଳରେ ରଙ୍ଗ ଆପଣଙ୍କ କେଶରେ ପଶିବ ନାହିଁ, କି ଏହା ନଷ୍ଟ ହେବ ନାହିଁ । ଏହାସହିତ କେଶ ମୂଳ କୁଣ୍ଡାଇହେବା ଭଳି ଆଲର୍ଜି ସମସ୍ୟା ମଧ୍ୟ ହେବ ନାହିଁ ।

## ଆଖିର ଯତ୍ନ

➤ହୋଲି ଖେଳିବା ସମୟରେ ସବୁଠାରୁ ଅଧିକ ଆଖିର ଯତ୍ନ ନେବାକୁ ହୋଇଥାଏ । ହୋଲି ରଙ୍ଗରେ ମିଶିଥିବା କେମିକାଲ ଆଖିରେ ପଡିଲେ ଆଖିରେ ପୋଡା ଜଳା, କୁଣ୍ଡେଇହେବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ ।

➤ତେଣୁ ହୋଲି ଖେଳିବାକୁ ଯିବା ଆଗରୁ ମନେକରି ଚଷମା ପିନ୍ଧି ଯାଆନ୍ତୁ । ଏହାଦ୍ୱାରା ଆପଣଙ୍କ ଆଖି ସୁରକ୍ଷିତ ରହିଥାଏ ।

➤ଚଷମା ସହିତ ଟୋପି ପିନ୍ଧିପାରିବେ ଯାହା ଦ୍ୱାରା ଆପଣଙ୍କ ଆଖିକୁ ସୁରକ୍ଷା ମିଳିପାରିବ ।





➤ତେବେ ହୋଲି ଖେଳିବା ସମୟରେ କେବେ ବି ଲେନ୍ସ ବ୍ୟବହାର କରନ୍ତୁ ନାହିଁ । ଏହା ଆଖି ପାଇଁ ବିପଦ ହୋଇଥାଏ । ଲେନ୍ସରେ ରଙ୍ଗ ପଡିବା ଫଳରେ ଆଖିରେ ବିଭିନ୍ନ ସମସ୍ୟା ହେବାର ଆଶଙ୍କା ରହିଥାଏ ।

## ହୋଲି ପରର ଯତ୍ନ

➤ରଙ୍ଗ ଛଡାଇବାକୁ ବେଶି କଷ୍ଟ କରନ୍ତୁ ନାହିଁ । ତ୍ୱଚାକୁ ଅଧିକ ଘଷନ୍ତୁ ନାହିଁ । ଏହାଦ୍ୱାରା ତ୍ୱଚା ନଷ୍ଟ ହେବାର ଭୟ ରହିଥାଏ । ତ୍ୱଚାରେ ଅନେକ ସମୟରେ ର୍‍ୟାସ୍ ମଧ୍ୟ ହୋଇଯାଇଥାଏ । ତେଣୁ ଯଦି ରଙ୍ଗ ନ ଛାଡୁଚି ତେବେ ସମୟ ଲାଗୁ ପଛେ ଧୀରେଧୀରେ ଛଡାନ୍ତୁ ।

➤ଯଦି ଆଖିରେ ରଙ୍ଗ ପଡିଛି, ପାଣିରେ ଭଲ କରି ଧୋଇ ନିଅନ୍ତୁ । ଏହାପରେ ଯଦି ପୋଡାଜଳା ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

➤ଯଦି ଆପଣଙ୍କର କୌଣସି ସ୍କିନ୍ ଆଲର୍ଜି ରହିଛି ଏବଂ ରଙ୍ଗ ଛଡାଇବା ପରେ କୁଣ୍ଡାଇ ହେଉଛି, ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ବସନ୍ତ ଋତୁର ବାହକ ଓ ଫଗୁଣର ସାରଥି ସାଜି ଆସିଯାଇଛି ହୋଲି । ରଙ୍ଗର ଏହି ବିଶିଷ୍ଟ ପର୍ବରେ ସବୁଆଡ଼େ ଖେଳିଯାଇଛି ରଙ୍ଗବେରଙ୍ଗର ଫଗୁ ଓ ପିଚକାରୀର ସୁନ୍ଦର ତଥା ଆକର୍ଷଣୀୟ ପସରା । ଫାଲଗୁନ ମାସ ପୂର୍ଣ୍ଣିମା ତିଥିରୁ ଆରମ୍ଭ ହେଉଥିବା ଏହି ପର୍ବକୁ ସାଧାରଣତଃ ଦୁଇଦିନ ଧରି ପାଳନ କରାଯାଏ । ହେଲେ କେତେକ ସ୍ଥାନରେ ଏହାକୁ ପାଞ୍ଚଦିନ ଧରି ମଧ ପାଳନ କରାଯାଏ । ପ୍ରଥମ ଦିନକୁ କିଛି କିଛି ସ୍ଥାନରେ ହୋଲିକା ଦହନ ଓ ଦୋଳ ପୂର୍ଣ୍ଣିମା ରୂପେ ପାଳନ କରାଯାଉଥିବାବେଳେ ଦ୍ୱିତୀୟ ଦିନରେ ପୁରପଲ୍ଲୀର ଲୋକେ ସାଙ୍ଗସାଥି ମେଳ ହୋଇ ରଙ୍ଗ ଅବିର ଖେଳିଥାଆନ୍ତି । ଶ୍ରୀକୃଷ୍ଣଙ୍କ ଗୋପଲୀଳାର ନିଦର୍ଶନକୁ ଦୋଳଯାତ ବା ଦୋଳଯାତ୍ରା ବୋଲି କୁହାଯାଏ । ଏହି ଦିନ ରାଧାକୃଷ୍ଣ ଗୋପୀମାନଙ୍କ ଗହଣରେ ରଙ୍ଗ ପିଚକାରୀ ଖେଳିଥିଲେ ବୋଲି ଶ୍ରୀମଦ ଭଗବଦ୍ ଗୀତାରେ ବର୍ଣ୍ଣିତ ରହିଛି । ତେଣୁ ଏହି ପର୍ବରେ ରାଇଦାମୋଦରଙ୍କୁ ପୂଜା କରାଯାଏ । ଗାଁ-ଗଣ୍ଡାର ଲୋକେ ରାଇଦାମୋଦରଙ୍କୁ ସୁସଜ୍ଜିତ ଦୋଳବିମାନରେ ବସାଇ ନାଚଗୀତରେ ମଜନ୍ତି ଏବଂ ଘରକୁ ଘର ବୁଲି ଭୋଗ ଖୁଆନ୍ତି । ପୂର୍ଣ୍ଣିମା ଦିନ ସମସ୍ତ ବିମାନକୁ ଦୋଳ ମଣ୍ଡପରେ ବସାଇ ପାଞ୍ଚଦିନ ବ୍ୟାପୀ ପୂଜାର୍ଚ୍ଚନା କରାଯାଏ । ଏହି ପାଞ୍ଚଦିନବ୍ୟାପୀ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ଏହାର ପରବର୍ତ୍ତୀ ଦିନ ରଙ୍ଗ ଓ ଅବିର ଖେଳ ଖେଳାଯାଏ । ଏହି ଖେଳ ଏତେ ଲୋକପ୍ରିୟ ଯେ ଗାଁ ଠୁ ସହର, ସହରଠୁ ଦେଶ ଓ ଦେଶଠୁ ବିଦେଶ ସର୍ବତ୍ର ପାଳନ କରାଯାଏ । ବିଶେଷକରି ଭାରତ ଓ ନେପାଳରେ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ । ହେଲେ ସଂଯୁକ୍ତରାଷ୍ଟ୍ର ଓ ବାଂଲାଦେଶ ଆଦି ଭଳି ଅନେକ ଦେଶରେ ମଧ ଏହି ପର୍ବର ବିଶେଷ ମହତ୍ତ୍ୱ ରହିଛି । କୁହାଯାଏ ବସନ୍ତ ପଞ୍ଚମୀରୁ ହିଁ ହୋଲି ଉତ୍ସବ ଆରମ୍ଭ ହୋଇଯାଏ । ଏହି ଦିନ ପ୍ରଥମଥର ପାଇଁ ଅବିର ଉଡ଼ାଯାଏ । ତେବେ ହୋଲି ପୂର୍ବଦିନ ପଡୁଥିବା ହୋଲିକା



# ରଙ୍ଗର ମହୋତ୍ସବ

**ହୋଲିର ରଙ୍ଗରେ ରଙ୍ଗେଇ ହେବା ପାଇଁ ଧରାପୃଷ୍ଠରେ ପାଦ ଥାପିଛି ଫଗୁଣ । ସବୁଆଡ଼େ ଆନନ୍ଦ ଉଲ୍ଲାସ ମଧରେ ପାଳନ କରାଯାଉଛି ବସନ୍ତୋତ୍ସବ । ଭାରତର ପ୍ରମୁଖ ପର୍ବ ହୋଇଥିବା ସତ୍ତ୍ୱେ ସମଗ୍ର ବିଶ୍ୱରେ ଏହାକୁ ମହାଡମ୍ବରରେ ପାଳନ କରାଯାଇଥାଏ । ଭାଷା, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ବସନ୍ତର ଏହି ମହୋତ୍ସବକୁ ସଭିଏଁ ମନଖୋଲି ଉପଭୋଗ କରିଥାଆନ୍ତି ।**



ଦହନ ପଛରେ ଏକ ପୌରାଣିକ କାହାଣୀ ରହିଛି । ହିରଣ୍ୟକଶ୍ୟପ ନାମକ ଜଣେ ଅତ୍ୟନ୍ତ ବଳଶାଳୀ ଅସୁର ରାଜା ଥିଲେ, ଯିଏକି ଗର୍ବ ଓ ଅହଂକାରର ବଶବର୍ତ୍ତୀ ହୋଇ ସ୍ୱୟଂକୁ ଈଶ୍ୱର ବୋଲି ଭାବୁଥିଲେ । ଏପରିକି ସେ ତାଙ୍କ ରାଜ୍ୟରେ ଈଶ୍ୱର ନାଁ ନେବା ଉପରେ ହିଁ ନିଷିଦ୍ଧାଦେଶ ଜାରି କରିଥିଲେ । ହେଲେ ରାଜାଙ୍କ ଔରସରୁ ଜନ୍ମିତ ପ୍ରହ୍ଲାଦ ଦୈତ୍ୟପୁତ୍ର ସତ୍ତ୍ୱେ ଈଶ୍ୱର ଭକ୍ତ ଥିଲେ । ଯାହାଫଳରେ କ୍ଷୁବ୍ଧ ହୋଇ ହିରଣ୍ୟକଶ୍ୟପ ନିଜ ରକ୍ତର ପୁତ୍ରସନ୍ତାନଙ୍କୁ କଠୋର ଦଣ୍ଡ ଦେଲେ । ତଥାପି ପ୍ରହ୍ଲାଦ ତାଙ୍କ ଭକ୍ତିରୁ ପଛଘୁଞ୍ଚା ଦେଇନଥିଲେ । ରାଜାଙ୍କ ଭଉଣୀ ହୋଲିକାଙ୍କୁ ବରଦାନସ୍ୱରୂପ ଏକ ଚାଦର ମିଳିଥିଲା, ଯାହାକୁ ଘୋଡ଼ିହେଲେ ଅଗ୍ନି ତାଙ୍କୁ ସ୍ପର୍ଶ କରିପାରିବ ନାହିଁ ବୋଲି ଭଗବାନ ଶିବଶଙ୍କର ବର ଦେଇଥିଲେ । ତେଣୁ ହୋଲିକା ସେହି ଚାଦରକୁ ଘୋଡ଼ିହୋଇ ପ୍ରହ୍ଲାଦଙ୍କୁ କୋଳରେ ଧରି ଅଗ୍ନିଚିତା ଉପରେ ବସିଗଲେ । ହେଲେ ସ୍ୱୟଂ ନାରାୟଣଙ୍କ କୃପାରୁ ଚାଦରଟି ପ୍ରହ୍ଲାଦଙ୍କ ଉପରେ ପଡ଼ିଗଲା । ଯାହାଫଳରେ ପ୍ରହ୍ଲାଦଙ୍କ ଜୀବନ ବଞ୍ଚିଗଲା ଓ ହୋଲିକା ଭସ୍ମ ହୋଇଗଲେ । ତେଣୁ ଦୁର୍ଗୁଣ ଉପରେ ସୁଗୁଣର ବିଜୟର ନିଦର୍ଶନ ସାଜି ହୋଲି ପୂର୍ବଦିନକୁ ହୋଲିକା ଦହନ ରୂପେ ପୂର୍ବୋତ୍ତର ଭାରତରେ ପାଳନ କରାଯାଇଥାଏ । ରଙ୍ଗର ଏହି ପର୍ବ ଏବର ନୁହେଁ, ବହୁ ପ୍ରାଚୀନ କାଳରୁ ଏହାକୁ ପାଳନ କରାଯାଉଛି । ଐତିହାସିକବିତ୍‌ଙ୍କ କହିବା ମୁତାବକ ଆର୍ଯ୍ୟ ସଂସ୍କୃତିରେ ଏହି ପର୍ବ ପ୍ରଚଳିତ ଥିଲା । ନାରଦ ପୁରାଣ ଓ ଭବିଷ୍ୟ ପୁରାଣର ପ୍ରାଚୀନ ଗ୍ରନ୍ଥ ଓ ହସ୍ତଲିପିରେ ମଧ ଏହାର ଉଲ୍ଲେଖ ରହିଛି । କେବଳ ହିନ୍ଦୁ ନୁହଁନ୍ତି, ମୁସଲମାନ ଭାଇ ଭଉଣୀଙ୍କ ମଧରେ ବି ଏହି ପର୍ବ ପାଳନ କରାଯାଇଥାଏ ବୋଲି ପ୍ରମାଣ ରହିଛି ବୋଲି ମୁସଲିମ୍ କବିମାନଙ୍କ ତୁଳୀରେ ପ୍ରକାଶ ପାଇଛି । ମୋଗଲ ସାମ୍ରାଜ୍ୟ ଠାରୁ ଆରମ୍ଭ କରି ଆକବର-ଯୋଧାବାଈ, ଜାହାଙ୍ଗୀର-ନୁରଯାହାଁ ଆଦିଙ୍କ ମଧରେ ହୋଲି ଖେଳାଯାଇଥିଲା ବୋଲି ମଧ ଇତିହାସ ସୂଚାଏ । ସେହିପରି ଶାହାଜାହାନ୍‌ଙ୍କ କାଳରେ ହୋଲି ଇଦ୍-ଏ-ଗୁଲାବୀ ନାଁରେ ପରିଚିତ ଥିଲା । ଏହାସହିତ ପୁରାତନ ଚିତ୍ର, ଭିତ୍ତିଚିତ୍ର ଓ ମନ୍ଦିରର କାନ୍ଥବାଡ଼ରେ ମଧ ହୋଲି ଉତ୍ସବର ନିଦର୍ଶନ ଦେଖିବାକୁ ମିଳିଥାଏ । ଭାରତରେ ହୋଲିର ଏହି ମହୋତ୍ସବ ଭିନ୍ନ ଭିନ୍ନ ରାଜ୍ୟରେ ଭିନ୍ନତା ସହକାରେ ପାଳନ କରାଯାଏ । ବ୍ରଜର ହୋଲି ଆଜି ବି ସାରା ଦେଶରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜେ । ସେହିପରି ବରସାନେର ଲାଠିମାର ହୋଲି ଖୁବ୍ ପ୍ରସିଦ୍ଧି ଅର୍ଜନ କରିଛି । ଏଥିରେ ପୁରୁଷମାନେ ମହିଳାଙ୍କ ଉପରକୁ ରଙ୍ଗ ଫିଙ୍ଗନ୍ତି ଓ ମହିଳାମାନେ ପୁରୁଷଙ୍କୁ ଲାଠି ବା ବାଡ଼ିରେ ବାଡ଼ାନ୍ତି । ଏହାସହିତ ମଥୁରା ଓ ବୃନ୍ଦାବନରେ ମଧ ଅନେକ ଦିନ ପର୍ଯ୍ୟନ୍ତ ହୋଲି ଉତ୍ସବ ମହାଡମ୍ବରରେ ପାଳନ କରାଯାଇଥାଏ । ପ୍ରାଚୀନ କାଳରେ ଲୋକେ ଚନ୍ଦନ ଓ ଅବିରରେ ହୋଲି ଖେଳୁଥିଲେ । ହେଲେ ସମୟ ସହିତ ଏଥିରେ ବି ପରିବର୍ତ୍ତନ ହୋଇଛି । ବର୍ତ୍ତମାନ ରଙ୍ଗବେରଙ୍ଗର ରଙ୍ଗ ସାଙ୍ଗକୁ କେମିକାଲ୍ ମିଶା ରଙ୍ଗ ଖୁବ୍ ପ୍ରଚଳିତ । ତଥାପି ଏବେବି ଅନେକ ଲୋକ ପ୍ରାକୃତିକ ରଙ୍ଗର ଉପଯୋଗ କରୁଛନ୍ତି, ଯାହାଦ୍ୱାରା ତ୍ୱଚା ଓ ଆଖିକୁ ବିଶେଷ କ୍ଷତି ପହଞ୍ଚିବ ନାହିଁ ।

# ଧ୍ୟାନଚାନ୍ଦଙ୍କୁ ମିଳୁ ଭାରତରତ୍ନ



ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କୁ ମିଳୁ ଭାରତରତ୍ନ । ଏଭଳି ବହୁବାର ଦାବି ହୋଇଆସିଛି । କିନ୍ତୁ କେନ୍ଦ୍ରରେ ଶାସନ କରୁଥିବା କୌଣସି ସରକାର ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ପ୍ରଦାନ କରିବା ଦିଗରେ ଆନ୍ତରିକତା ଦେଖାଇ ନାହାନ୍ତି । ଅଲିମ୍ପିକ୍ସରେ ଭାରତକୁ ତିନିଥର ସ୍ୱର୍ଣ୍ଣିମ ସଫଳତା ଆଣିଦେଇଥିବା ମେଜର ଧ୍ୟାନଚାନ୍ଦଙ୍କ ସୁପୁତ୍ର ଅଶୋକ କୁମାର ନୂଆଦିଲ୍ଲୀରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଧ୍ୟାନଚାନ୍ଦଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ପ୍ରଦାନ କରିବାକୁ ନିବେଦନ କରିଛନ୍ତି । ଅଶୋକ କୁମାରଙ୍କ ସହ ଡ. ପ୍ରଦୀପ ରଘୁବଂଶୀ ରାଷ୍ଟ୍ରପତି ଭବନରେ ମହାମହିମଙ୍କୁ ସାକ୍ଷାତ କରି ବିସ୍ତୃତ ଆଲୋଚନା ବି କରିଛନ୍ତି । ତେବେ ସମୟ କହିବ କେବେ ଧ୍ୟାନଚାନ୍ଦଙ୍କୁ ମିଳିବ ସର୍ବୋଚ୍ଚ ସମ୍ମାନ ଭାରତରତ୍ନ ।

ତିନିଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ମେଜର ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ଦିଆଯିବା ସପକ୍ଷରେ ବହୁବାର ଦାବି ହୋଇଛି । ପୁଅ ଅଶୋକ କୁମାରଙ୍କ ସହ ବହୁ କ୍ରୀଡ଼ା ଅନୁଷ୍ଠାନ ତଥା ହକି ପ୍ରେମୀ ବାରମ୍ବାର ସ୍ୱରଉତ୍ତୋଳନ କରିଛନ୍ତି । କିନ୍ତୁ ଧ୍ୟାନଚାନ୍ଦଙ୍କୁ ସମ୍ମାନ ଏଯାଏ ମିଳିପାରି ନାହିଁ । ୨୦୧୧–୧୨ରେ ଦାବି ଚରମସୀମାରେ ଥିଲା । ଏପରିକି ଓଡ଼ିଶାରୁ ଦିଲୀପ ତିର୍କୀଙ୍କ ନେତୃତ୍ୱରେ ଏକ ଦଳ ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ଦିଆଯାଉ ବୋଲି ଏକ ପତ୍ର ଭାରତ ସରକାର ତଥା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ଏହାର କୌଣସି ସୁଫଳ ମିଳି ନଥିଲା । ସେସମୟରେ କେନ୍ଦ୍ରରେ କଂଗ୍ରେସ ସରକାର ଥିଲା । କ୍ରିକେଟରୁ ଅବସର ନେବାକୁ ଘୋଷଣା କରିସାରିଥିବା ସଚିନ ତେନ୍ଦୁଲକରଙ୍କୁ ଶେଷରେ ଭାରତରତ୍ନ ଦେବାପାଇଁ ଉପା ସରକାର ନିଷ୍ପତ୍ତି ନେଇଥିଲା । ତେଣୁ ୱାଙ୍ଖେଡେରେ ଶେଷ ମ୍ୟାଚ୍ ଖେଳିଥିବା ସଚିନଙ୍କୁ ମ୍ୟାଚର ଶେଷ ଦିନ ହିଁ ଭାରତରତ୍ନ ପ୍ରଦାନ କରାଯିବା ନେଇ ବଡ଼ ଘୋଷଣା ହୋଇଥିଲା । ଏହାପରେ ମଧ୍ୟ ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ଦିଆଯିବ ବୋଲି ଦାବି ହୋଇଆସୁଛି । ଅନେକ ରାଜନେତା, ବିଶିଷ୍ଟ ବ୍ୟକ୍ତି ଭାରତରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି । କିନ୍ତୁ ଧ୍ୟାନଚାନ୍ଦ ଏବେବି ଅବହେଳିତ। ସ୍ୱାଧୀନତା ପୂର୍ବବର୍ତ୍ତୀ ଭାରତୀୟ ହକି ଦଳରେ ଧ୍ୟାନଚାନ୍ଦଙ୍କ ସ୍ଥାନ ଥିଲା ସ୍ୱତନ୍ତ୍ର । ୧୯୨୮, ୧୯୩୨ ଓ ୧୯୩୬ କ୍ରମାଗତ ତିନିଟି ଅଲିମ୍ପିକ୍ସରେ ଧ୍ୟାନଚାନ୍ଦଙ୍କ ଉଚ୍ଚକୋଟିର ପ୍ରଦର୍ଶନ ଭାରତ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଦେଇଥିଲା । ଏପରିକି ୧୯୩୬ ବର୍ଲିନ୍ ଅଲିମ୍ପିକ୍ସ ବେଳେ ଧ୍ୟାନଚାନ୍ଦଙ୍କ ପ୍ରଦର୍ଶନ ଏତେ ଶାଣିତ ଥିଲା ଯେ, ଜର୍ମାନୀର ଏକଛତ୍ରବାଦୀ ଶାସକ ଆଡ୍‌ଲଫ୍ ହିଟଲର ତାଙ୍କ ପ୍ରଦର୍ଶନରେ ପ୍ରଭାବିତ ଓ ଭୟଭୀତ ହୋଇଥିଲେ । ଥରେ ତାଙ୍କ ନିକଟକୁ ବଲ ଆସିଲେ, ତାଙ୍କଠାରୁ ବଲ ଛଡ଼ାଇ ଆଣିବା ପ୍ରତିପକ୍ଷ ଦଳର ଖେଳାଳିଙ୍କ ପାଇଁ ଅସମ୍ଭବ ଭଳି ଥିଲା । ଏପରିକି ତାଙ୍କ ହକି ଷ୍ଟିକ୍‌ରେ ଅଠା ଲାଗିଥିବା ସନ୍ଦେହ କରି ଏକାଧିକବାର ମ୍ୟାଚ୍ ସମୟରେ ଷ୍ଟିକ୍ ପରିବର୍ତ୍ତନ କରାଯାଇଥିଲା । ତଥାପି ଧ୍ୟାନଚାନ୍ଦଙ୍କ ଯାଦୁ ଥମି ନଥିଲା । ଏହି ସଂସ୍କରଣରେ ଭାରତ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲା । ତେଣୁ ହିଟ୍‌ଲର ଧ୍ୟାନଚାନ୍ଦଙ୍କୁ ଜର୍ମାନୀ ସେନାରେ ଯୋଗଦେବା ପାଇଁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଏଭଳି ଅଫରକୁ ଗ୍ରହଣ କରି ନଥିଲେ ଧ୍ୟାନଚାନ୍ଦ । ହକିର ଯାଦୁକର ଭାବେ ଜଣାଶୁଣା ଧ୍ୟାନଚାନ୍ଦ ଭାରତୀୟ ହକିର ମାର୍ଗ ଦର୍ଶକ । ସେ ପକାଇ ଆସିଥିବା ମୂଳଦୁଆ ଦୀର୍ଘ ସମୟ ଧରି ଭାରତୀୟ ହକିର ସ୍ୱର୍ଣ୍ଣିମ ଅଧ୍ୟାୟକୁ ଆଗକୁ ବଢ଼ାଇ ଆଣିଥିଲା । ଏଭଳି ଜଣେ ମହାମାନବଙ୍କୁ କାହିଁକି ଭାରତରତ୍ନ ଦେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି, ସେନେଇ କ୍ରୀଡ଼ାପ୍ରେମୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ପୁଅ ଅଶୋକ କୁମାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ପରେ ଭାରତରତ୍ନ ମିଳିବା ସମ୍ଭାବନା ପୁଣି ଜାଗ୍ରତ ହୋଇଛି ।




ଏଥର ଆଇପିଏଲରେ ଶୁଣିବାକୁ ମିଳିବ ନାହିଁ ଓଡ଼ିଆ କମେଣ୍ଟ୍ରୀ । ସେହିପରି ଓଡ଼ିଆ ଗ୍ରାଫିକ୍ସ ମଧ୍ୟ ଦେଖିବାକୁ ମିଳିବ ନାହିଁ । କାରଣ ଓଡ଼ିଆ ଭାଷାକୁ କମେଣ୍ଟ୍ରୀ ତାଲିକାରୁ ବାଦ ଦିଆଯାଇଛି । ଓଡ଼ିଆ ଭାଷାକୁ ବାଦ ଦିଆଯାଇଥିଲେ ମଧ୍ୟ ହିନ୍ଦୀ ଓ ଇଂଲିଶ ସମେତ ତେଲୁଗୁ, ତାମିଲ, କନ୍ନଡ, ମରାଠୀ, ଭୋଜପୁରୀ ଓ ଗୁଜରାଟୀ ଭଳି ୮ଟି ଭାଷାରେ ଆଇପିଏଲର ମଜା ଉଠାପାରିବେ ଦର୍ଶକ । ଜିଓ ସିନେମାରେ ଥିବା ଭାଷା ବିକଳ୍ପକୁ ଯାଇ ନିଜ ପସନ୍ଦ ଅନୁସାରେ ଲୋକମାନେ ଆଇପିଏଲ ଦେଖିପାରିବେ ।

ଓଡ଼ିଆ ଭାଷା ବାଦ ପଡ଼ିବାରୁ ରାଜ୍ୟବାସୀଙ୍କୁ ଏହା ନିରାଶ କରିଛି । ୨୦୨୩ ଆଇପିଏଲରେ ପ୍ରଥମଥର ପାଇଁ ଓଡ଼ିଆ ଭାଷାରେ ଆଇପିଏଲର ମଜା ଉଠାଇଥିଲେ କ୍ରିକେଟ ଫ୍ୟାନ୍ସ । ଆଇପିଏଲର ମ୍ୟାଚ ପୂର୍ବରୁ ଓଡ଼ିଆରେ ‘କ୍ରିକେଟ ଲାଇଭ୍’ କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା । ପ୍ରଥମଥର ଲାଗି ଓଡ଼ିଆ ଭାଷାରେ ମଧ୍ୟ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

କାର୍ଯ୍ୟକ୍ରମର ଆଙ୍କର ଭାବେ କଟକର ଝିଅ ଲୋରିଆ ମହାନ୍ତିଙ୍କୁ ଚୟନ କରାଯାଇଥିଲା । କାର୍ଯ୍ୟକ୍ରମରେ କିଛି ଓଡ଼ିଆ କ୍ରିକେଟର ଓ ଖେଳ ସହ ସମ୍ପୃକ୍ତ ବ୍ୟକ୍ତି ଯୋଗଦେଉଥିଲେ । ମ୍ୟାଚ୍ ବେଳେ ଦେବାଶିଷ ମହାନ୍ତି, ବିପ୍ଳବ ସାମନ୍ତରାୟ, ଓ ରଶ୍ମି ରଞ୍ଜନ ପରିଡ଼ାଙ୍କ ଭଳି ଅଭିଜ୍ଞ କ୍ରିକେଟରମାନେ କମେଣ୍ଟ୍ରୀ କରୁଥିଲେ । ଏମାନଙ୍କ ବ୍ୟତୀତ ଗୌରବ ପଣ୍ଡା ମଧ୍ୟ କମେଣ୍ଟ୍ରୀ କରୁଥିଲେ । ସବୁ କିଛି ଓଡ଼ିଆରେ ହେଉଥିଲା ।

କିନ୍ତୁ ନିମ୍ନମାନ ଗ୍ରାଫିକ୍ସ ଓ ଏହାର ପରିଚାଳନା ଦାୟିତ୍ୱରେ ଥିବା କିଛି ଲୋକଙ୍କ ଅହେତୁକ ଅବହେଳା ପାଇଁ ଓଡ଼ିଆ ଭାଷାରେ ଆଇପିଏଲର ପ୍ରସାରଣ ସେତେଟା ଲୋକପ୍ରିୟତା ହାସଲ କରି ପାରି ନଥିଲା । ସଂସ୍ଥାକୁ ବ୍ୟବସାୟିକ କ୍ଷତି ହୋଇଥିଲା । ଏହି କାରଣ ପାଇଁ ୨୦୨୪ ଆଇପିଏଲରୁ ଓଡ଼ିଆ ଭାଷାକୁ ବାଦ ଦିଆଯାଇଥିବା କୁହାଯାଉଛି ।




# ଅଶ୍ୱିନଙ୍କୁ ୫୦୦ ସ୍ୱର୍ଣ୍ଣ ମୁଦ୍ରା

ଭାରତୀୟ ଷ୍ଟାର ବୋଲର୍ ରବିଚନ୍ଦ୍ରନ୍ ଅଶ୍ୱିନଙ୍କୁ ମିଳିଛି ୫୦୦ ଗୋଲ୍ଡ କଏନ୍ । ଏହା ସାଙ୍ଗକୁ ଏକ କୋଟି ଟଙ୍କାର ପୁରସ୍କାର ରାଶି ବି ମିଳିଛି । ଏକ କାର୍ଯ୍ୟକ୍ରମରେ ତାମିଲନାଡୁ କ୍ରିକେଟ୍ ଆସୋସିଏସନ୍ (ଟିଏନସିଏ) କ୍ରିକେଟର ଅଶ୍ୱିନଙ୍କୁ ୫୦୦ଟି ସ୍ୱର୍ଣ୍ଣ ମୁଦ୍ରା ସାଙ୍ଗକୁ ଏକ କୋଟି ଟଙ୍କା, ଏକ ସେଙ୍ଗୋଲ୍ ଏବଂ ଏକ ସ୍ୱତନ୍ତ୍ର ବ୍ଲେଜର ପ୍ରଦାନ କରିଥିଲା । ବାସ୍ତବରେ ଏହା ଅଶ୍ୱିନଙ୍କ ପାଇଁ ଉଚିତ ସମ୍ମାନ ଭଳି ହୋଇଛି । ନିକଟରେ ଅଶ୍ୱିନ ଇଂଲଣ୍ଡ ବିପକ୍ଷରେ ୫୦୦ ଟେଷ୍ଟ ୱିକେଟ ନେବାର ଗୌରବ ଅର୍ଜନ କରିଥିଲେ । ଅନିଲ କୁମ୍ବଲେଙ୍କ ପରେ ଅଶ୍ୱିନ ଭାରତର ଦ୍ୱିତୀୟ ବୋଲର ଭାବେ ଏହି କୀର୍ତ୍ତିମାନର ଅଧିକାରୀ ହୋଇଥିଲେ ।

ପୁରସ୍କାର ଗ୍ରହଣ ଉତ୍ସବରେ ଅଶ୍ୱିନଙ୍କ ସହ ତାଙ୍କ ପରିବାର ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ କ୍ରିକେଟର ଅନୀଲ କୁମ୍ବଲେ ମଧ୍ୟ ଯୋଗ ଦେଇଥିଲେ । ସେ ମଞ୍ଚରେ ରହି ଅଶ୍ୱିନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।

ଟେଷ୍ଟ କ୍ରିକେଟରେ ଅଶ୍ୱିନଙ୍କ ଅତୁଳନୀୟ ଅବଦାନ ପାଇଁ ତାମିଲନାଡୁ କ୍ରିକେଟ ଆସୋସିଏସନ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ରିକେଟର ସମସ୍ତ ଫର୍ମାଟରେ ଦମଦାର ପ୍ରଦର୍ଶନ କରି ଆସୁଥିବା ଅଶ୍ୱିନ ନିକଟରେ କ୍ରିକେଟର ଲମ୍ବା ଫର୍ମାଟ ଟେଷ୍ଟ ସିରିଜରେ ଜାଦୁ ଦେଖାଇଥିଲେ । ବିଶେଷ କରି ରାଜକୋଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ ସମୟରେ ୫୦୦ ୱିକେଟ ନେଇ ଅଶ୍ୱିନ ଅନ୍ୟତମ ଶ୍ରେଷ୍ଠ ବୋଲର ଭାବେ ପରିଚୟ ସୃଷ୍ଟି କରିଛନ୍ତି ।

ଏହା ପରେ ଧର୍ମଶାଳାରେ ଖେଳା ଯାଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚରେ ଅଶ୍ୱିନ ନିଜର ୧୦୦ତମ ଟେଷ୍ଟ ମ୍ୟାଚ୍ ପୂରଣ କରିଛନ୍ତି । ୫୦୦ ୱିକେଟ ନେବାରେ ଅଶ୍ୱିନ ଦ୍ୱିତୀୟ ଭାରତୀୟ ବୋଲର୍ ଭାବେ କୃତିତ୍ୱ ହାସଲ କରିଛନ୍ତି । ତାଙ୍କ ପୂର୍ବରୁ ଅନୀଲ କୁମ୍ବଲେ ଏହି ରେକର୍ଡର ଭାଗିଦାରୀ ହୋଇଥିଲେ ।

ସବୁଠୁ ବଡ଼ କଥା ହେଉଛି କି, କୁମ୍ବଲେ ୧୦୫ ମ୍ୟାଚରେ ୫୦୦ ୱିକେଟ ନେଇଥିଲେ । କିନ୍ତୁ ଅଶ୍ୱିନ ୯୭ଟି ମ୍ୟାଚରେ ଏହି ସଫଳତା ହାସଲ କରିବାରେ ସକ୍ଷମ ହୋଇ ପାରିଛନ୍ତି ।

# କୁସ୍ତି ସଂଘ ଉପରୁ ହଟିଲା ବ୍ୟାନ

ଭାରତୀୟ କୁସ୍ତି ମହାସଂଘ ତଥା ଡବ୍ଲ୍ୟୁଏଫ୍ଆଇ ଉପରୁ ବ୍ୟାନ୍ ହଟିଛି । ଭାରତୀୟ କୁସ୍ତି ମହାସଂଘ ପାଇଁ ଗଠନ ହୋଇଥିବା ଆଡ୍ ହକ୍ କମିଟିକୁ ମଧ୍ୟ ଭଙ୍ଗ କରାଯାଇଛି । ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ ଦ୍ୱାରା ଲଗାଯାଇଥିବା ବ୍ୟାନକୁ ହଟାଇବା ଏବଂ IOA ଦ୍ୱାରା ନିଯୁକ୍ତ ଆଡ୍ ହକ୍ କମିଟି ଦ୍ୱାରା ତଦାରଖ କରାଯାଉଥିବା ଚୟନ ପରୀକ୍ଷଣର ସଫଳ ସମାପ୍ତି ପରେ ଏହି ନିଷ୍ପତ୍ତି ନିଆଯାଇଛି ।

ଗତ ବର୍ଷ ନିଲମ୍ବିତ ରେସଲିଂ ଫେଡେରେସନର କାମ ତଦାରଖ କରିବା ପାଇଁ ଆଇଓଏ କାମ ଚଳା କମିଟି ତଥା ଆଡ ହକ୍ ପ୍ୟାନେଲ ଗଠନ କରିଥିଲା । ୩ ଜଣିଆ ସଦସ୍ୟ ବିଶିଷ୍ଟ ଏହି ଆଡ ହକ୍ କମିଟି ଗଠନ କରାଯାଇଥିଲା । ଭାରତୀୟ କୁସ୍ତି ସଂଘକୁ ନିଲମ୍ବନ କରାଯିବା ପରେ ଏହି କମିଟି ଗଠନ କରାଯାଇଥିଲା । କିନ୍ତୁ ଏବେ ଡବ୍ଲ୍ୟୁଏଫ୍ଆଇର କାମ ତଦାରଖ କରିବା ପାଇଁ ଏହି କମିଟିର ଆଉ କୌଣସି ଆବଶ୍ୟକତା ନାହି । ତେଣୁ ଏହି କମିଟିକୁ ଭାଙ୍ଗି ଦିଆଯାଇଥିବା ନେଇ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏସନ୍ ସୂଚନା ଦେଇଛି ।



ଏଥିସହ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏସନ୍ କହିଛି ଯେ, ଶୀଘ୍ରରୁ ଅତି ଶୀଘ୍ର ଡବ୍ଲ୍ୟୁଏଫ୍ଆଇକୁ କମିଟି ଗଠନ କରିବାକୁ ହେବ । ଏହି କମିଟି ଖେଳାଳିଙ୍କ ସମସ୍ୟାର ସମାଧାନ କରିବ । ଏଥିସହ ଫେଡେରେସନକୁ ନିର୍ଦ୍ଧାରିତ ସମୟ ସୀମା ଓ ନିୟମ ଅନୁସାରେ ଆଥଲେଟିକ୍ କମିଶନର ନିର୍ବାଚନ କରିବାକୁ ହେବ । ଡବ୍ଲ୍ୟୁଏଫ୍ଆଇର କାମ ତଦାରଖ କରିବା ପାଇଁ ଆଡ ହକ୍ କମିଟିକୁ ଆଇଓଏ ଋଣ ବାବଦରେ ଟଙ୍କା ଦେଇଥିଲା । ଏବେ ସେହି ଟଙ୍କାକୁ ଫେଡେରସନ୍ ଆଇଓଏକୁ ଫେରାଇବାକୁ ପଡିବ ।

କହିରଖୁ ଯେ, ଗତବର୍ଷ ବିଜେପି ସାଂସଦ ତଥା କୁସ୍ତି ସଂଘର ପୂର୍ବତନ ଅଧ୍ୟକ୍ଷ ବ୍ରିଜଭୂଷଣ ଶରଣ ସିଂହଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ସିଂହ କୁସ୍ତି ସଂଘର ନୂଆ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ଏହାକୁ ନେଇ କୁସ୍ତି ଯୋଦ୍ଧାମାନେ ଜୋରଦାର ବିରୋଧ କରିଥିଲେ । ସଞ୍ଜୟ ସିଂହ ଅଧ୍ୟକ୍ଷ ହେବା ପରେ କୁସ୍ତି ଯୋଦ୍ଧା ସାକ୍ଷୀ ମଲ୍ଲିକ ଅବସର ଘୋଷଣା କରିଥିଲେ । ସେହିଭଳି ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ପଦ୍ମଶ୍ରୀ ଫେରାଇଥିଲେ । ସ୍ଥିତି ବିଗୁଡୁଥିବା ଦେଖି କ୍ରୀଡା ମନ୍ତ୍ରଣାଳୟ କୁସ୍ତି ମହାସଂଘକୁ ନିଲମ୍ବିତ କରିଥିଲା । ଏଥିସହ ସଞ୍ଜୟ ସିଂହଙ୍କ ପଦ ମଧ୍ୟ ରଦ୍ଦ କରାଯାଇଥିଲା ।

# ନେଭି କୁଇନ୍ ଶୋଭିତା

**ନିଜ ଲକ୍ଷ୍ୟସ୍ଥଳ ଅଭିମୁଖେ ଆଉ ଏକ ପାହାଚ ଚଢ଼ିଛନ୍ତି ବି-ଟାଉନ୍‌ର ଚର୍ଚ୍ଚିତ ଆକ୍ଟ୍ରେସ ଶୋଭିତା ଧୂଳିପାଲା । ସୁନେଲି ପରଦାରେ ନିଜ ଅଭିନୟର ଯାଦୁ ଦେଖାଇବା ପରେ ହଲିଉଡ୍‌ରେ ଧମାଲ କରିବା ପାଇଁ ଆଗେଇ ଆସିଛନ୍ତି ଏହି ଅଭିନେତ୍ରୀ ।**



ବଲିଉଡ୍‌ର ଜଣାଶୁଣା ଆକ୍ଟ୍ରେସ୍ ଶୋଭିତା ହିନ୍ଦୀ, ମାଲାୟାଲାମ, ତାମିଲ ଓ ତେଲୁଗୁ ଆଦି ଫିଲ୍ମରେ କାମ କରିଛନ୍ତି । ଅଭିନେତ୍ରୀ ସାଙ୍ଗକୁ ସେ ଭାରତନାଟ୍ୟମ ଓ କୁଚିପୁଡ଼ି ଡାନ୍ସରେ ଖୁବ୍ ପାରଙ୍ଗମ । ୧୯୯୨ ମସିହା ମେ ୩୧ରେ ଶୋଭିତା ଆନ୍ଧ୍ରପ୍ରଦେଶର ଏକ ତେଲୁଗୁ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ଜଣେ ମର୍ଚାଣ୍ଟ ନାଭି ଇଞ୍ଜିନିଅର ହୋଇଥିବାବେଳେ ମା' ପ୍ରାଇମେରୀ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ ଥିଲେ । ସିନେ ଦୁନିଆ ସହିତ ପରିବାରର ଦୂର ଦୂରାନ୍ତ ପର୍ଯ୍ୟନ୍ତ କୌଣସି ସମ୍ପର୍କ ନଥିବା ସତ୍ତ୍ୱେ ଶୋଭିତାଙ୍କ ଭାଗ୍ୟ ତାଙ୍କୁ ଆଜି ଆଣି ଏଠାରେ ପହଞ୍ଚାଇଦେଇଛି । ପିଲାଦିନ ତାଙ୍କର ବିଶାଖାପାଟଣାରେ ବିତିଥିବାବେଳେ ୧୬ ବର୍ଷ ବୟସରେ ସେ ମୁମ୍ବାଇ ଆସି ମୁମ୍ବାଇ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ । ଯାହାର କିଛି ମାତ୍ର ବ୍ୟବଧାନ ପରେ ଆନୁଆଲ୍ ନେଭି ବଲ୍‌ପିନ୍ ୨୦୧୦ରେ ତାଙ୍କୁ ନେଭି କୁଇନ୍‌ର ଆଖ୍ୟା ଦିଆଯାଇଥିଲା । ଏହାପରେ ଜଣେ ବାନ୍ଧବୀଙ୍କ ପରାମର୍ଶକ୍ରମେ ସେ ବିୟୁଟି ପାଜେଣ୍ଟ୍ ମିସ୍ ଆର୍ଥ୍ ୨୦୧୩ରେ ଭାଗ ନେଲେ । ହେଲେ ଦୁର୍ଭାଗ୍ୟବଶତଃ ଟପ୍ ୨୦ରେ ବି ପହଞ୍ଚିପାରିଲେ ନାହିଁ । ଯାହାଫଳରେ ତାଙ୍କୁ ମିସ୍ ଫଟୋଜେନିକ୍, ମିସ୍ ବିୟୁଟି, ମିସ୍ ଟାଲେଣ୍ଟ, ମିସ୍ ବିୟୁଟିଫୁଲ ଫେସ୍ ଆଦି ସବ୍‌ଟାଇଟେଲ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ୨୦୧୪ରେ ସେ କିଙ୍ଗ୍‌ଫିସର୍ କ୍ୟାଲେଣ୍ଡରରେ ସ୍ଥାନ ପାଇଥିଲେ, ଯାହା ତାଙ୍କୁ ଆଗକୁ ଯିବା ପାଇଁ ପ୍ରେରଣାର ଖୋରାକ୍ ଯୋଗାଇଥିଲା । ଥରେ ଗ୍ଲାମର ଦୁନିଆର ସ୍ୱାଦ ଚାଖିବା ପରେ ସେ ଆଉ ପଛକୁ ଫେରିଲେ ନାହିଁ । ଏହାପରେ ୨୦୧୬ରେ ରମନ ରାଘବ ୨.୦ ଫିଲ୍ମରୁ ସେ ତାଙ୍କ ସିନେ ଡେବ୍ୟୁ କଲେ । ଯାହା ତାଙ୍କୁ ୨୦୧୬ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ବେଷ୍ଟ ସପୋର୍ଟିଂ ପରଫର୍ମାନ୍ସ ପାଇଁ ନୋମିନେସନ୍‌ର ସ୍ୱୀକୃତି ଆଣିଦେଲା । ଏହାପରେ କାଲାକାଣ୍ଡି, ସେଫ୍ ଆଦି ଫିଲ୍ମରେ ସୈଫ୍ ଅଲ୍ଲୀ ଖାନ୍‌ଙ୍କ ଅପଜିଟ୍‌ରେ ନଜର ଆସିଲେ । ପ୍ରଥମ ତିନୋଟି ଫିଲ୍ମ ସଫଳ ହେବା ପରେ ଶୋଭିତା ଗୋଦାଚାରୀ ଫିଲ୍ମରୁ ତେଲୁଗୁ ଇଣ୍ଡଷ୍ଟ୍ରିରେ ପାଦ ଥାପିଲେ । ଏହାପରେ ତାଙ୍କୁ ମେଡ୍ ଇନ୍ ହେଭେନ୍, ବାର୍ଡ ଅଫ୍ ବ୍ଲଡ୍, ଦି ନାଇଟ୍ ମ୍ୟାନେଜର ଆଦି ଅନେକ ୱେବ୍ ସିରିଜ୍‌ରେ ଦେଖିବାକୁ ମିଳିଲା । ଦି ନାଇଟ୍ ମ୍ୟାନେଜର ପାଇଁ ତାଙ୍କୁ ବେଷ୍ଟ ଆକ୍ଟ୍ରେସ୍(ଓଟିଟି) ରୂପେ ଆଇଟିଏ ଆୱାର୍ଡ ଦିଆଗଲା । ବର୍ତ୍ତମାନ ସେ ତାଙ୍କ ହଲିଉଡ୍ ଡେବ୍ୟୁକୁ ନେଇ ସମଗ୍ର ବିଶ୍ୱରେ ସ୍ପଟ୍‌ଲାଇଟ୍‌ରେ ରହିଛନ୍ତି । ମଙ୍କି ମ୍ୟାନ୍ ଫିଲ୍ମରୁ ସେ ତାଙ୍କର ହଲିଉଡ୍ ଡେବ୍ୟୁ କରିବାକୁ ଯାଉଛନ୍ତି । ନିକଟରେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି, ଯାହା ତାଙ୍କୁ ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସଜାଇଛି । ଆସନ୍ତା ଏପ୍ରିଲ୍ ୫ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମରେ ସେ ବ୍ରିଟିଶ ଆକ୍ଟର ଦେବ୍ ପଟେଲ୍‌ଙ୍କ ସହିତ ସ୍କ୍ରିନ୍ ସେୟାର କରିବେ । ଯାହାଫଳରେ ଉଭୟ ଶୋଭିତା ଓ ତାଙ୍କ ଫ୍ୟାନ୍ସ ସୁପର ଏକ୍ସାଇଟେଡ୍ ଅଛନ୍ତି ।